ବର୍ଷ-୨୫, ସଂଖ୍ୟା-୧୭
ଭୁବନେଶ୍ୱର
୧୭, ଜାନୁଆରୀ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 17
Bhubaneswar
17 January, 2025 Friday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମାଓ ଆଡ୍ଡାକୁ ଶକ୍ତ ପ୍ରହାର

## ସୁରକ୍ଷାବାହିନୀ ଗୁଳିରେ ୧୨ ମାଓବାଦୀ ମୃତ



ରାୟପୁର, ୧୬।୧ (ମହାଭାରତ): : ଛତିଶଗଡ଼ରେ ମାଓବାଦୀଙ୍କ ଉପରେ ପ୍ରଚଣ୍ଡ ପ୍ରହାର କରୁଛନ୍ତି ସୁରକ୍ଷାକର୍ମୀ। ୨୦୨୬ ସୁଦ୍ଧା ଦେଶରୁ ସମ୍ପୂର୍ଣ୍ଣ ମାଓ ମୂଳପୋଛ ଲକ୍ଷ୍ୟରେ ଆଗେଇ ଚାଲିଛନ୍ତି କେନ୍ଦ୍ର ସରକାର। ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷାବାହିନୀ ସହ ଏନକାଉଣ୍ଟରରେ ୧୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏବେ ବି ଏନକାଉଣ୍ଟର ଜାରି ରହିଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଦକ୍ଷିଣ ବିଜାପୁର ଜଙ୍ଗଲରେ ସକାଳ ପ୍ରାୟ ୯ଟାରେ ଏହି ଏନକାଉଣ୍ଟର ହୋଇଥିଲା। ସଂଧ୍ୟା ପର୍ଯ୍ୟନ୍ତ ଲଗାତାର ଗୁଳିଚାଳନା ଜାରି ରହିଥିଲା। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।ଉଭୟ ପକ୍ଷରୁ ଗୁଳିବିନିମୟ ଜାରି ରହିଛି।ଏହି ଅପରେସନରେ ଏକ ହଜାର ଯବାନ ସାମିଲ ହୋଇଛନ୍ତି। ଯବାନମାନେ ୫୦ରୁ ୭୦ ଜଣ ନକ୍ସଲଙ୍କୁ ଘେରି ରହିଥିବା ସୂଚନା ମିଳିଛି ଆଇଜି ପି ସୁନ୍ଦରରାଜ ନିଜେ ତଦାରଖ କରୁଛନ୍ତି।

ପୁଲିସ ଅଧିକାରୀ କହିଛନ୍ତି ଯେ ସକାଳ ୯ଟାରୁ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ଏନକାଉଣ୍ଟର କୁ ସ୍ୱୀକାର କରି ବିଜାପୁର ଏଏସପି କହିଛନ୍ତି, ବିଜାପୁର ସୀମାନ୍ତ ଅଞ୍ଚଳରେ ନକ୍ସଲଙ୍କ ସହ ଏନକାଉଣ୍ଟର ଚାଲିଛି। ବିଜାପୁର-ସୁକମାର ଡିଆରଜି ଯବାନ, ସିଆରପିଏଫର ୫ଟି କୋବ୍ରା ୟୁନିଟ୍, ସିଆରପିଏଫର ୨୨୯ତମ ବାଟାଲିୟନ ଏହି ଅପରେସନରେ ସାମିଲ ଅଛନ୍ତି।

ପ୍ରାଥମିକ ସୂଚନା ଅନୁଯାୟୀ ଏନକାଉଣ୍ଟରରେ ୧୨ ଜଣ ନକ୍ସଲ ନିହତ ହୋଇଛନ୍ତି।ଏବେ ବି ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି। ଏଥିରେ ସୁରକ୍ଷା ବାହିନୀର କୌଣସି କ୍ଷତି ହୋଇନାହିଁ।

## ଓଡ଼ିଶାରୁ ଏଚ୍‌ଏମପିଭି ଆକ୍ରାନ୍ତ ଚିହ୍ନଟ ଏକ ଗୁଜବ

ଭୁବନେଶ୍ୱର, ୧୬।୧ (ମହାଭାରତ): ଖୋର୍ଦ୍ଧାର କାଇପଦର ଅଞ୍ଚଳରୁ ଜଣେ ଏଚ୍‌ଏମପିଭି ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ଖବର ପ୍ରକାଶ ପାଇବା ପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏଚ୍‌ଏମପିଭିର କୌଣସି ସୂଚନା ନାହିଁ।

ଏବେ ସୁଦ୍ଧା ରାଜ୍ୟରୁ କେହି ଏଚ୍‌ଏମପିଭିରେ ସଂକ୍ରମିତ ହୋଇଥିବା ରିପୋର୍ଟ ଆସିନି ବୋଲି ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରୁ ଯେତିକି ନମୁନା ଏଚ୍‌ଏମପିଭି ପରୀକ୍ଷା ପାଇଁ ଯାଇଛି, ସବୁ ନେଗେଟିଭ ଆସିଛି। ଏଚ୍‌ଏମପିଭିର ଲକ୍ଷଣ ସାଧାରଣ ଥଣ୍ଡା ଜ୍ୱର ଭଳି।

# ଏନ୍ଇପି ପାଇଁ ୧୬ ଜଣିଆ ଷ୍ଟିୟରିଂ କମିଟି

ଭୁବନେଶ୍ୱର, ୧୬।୧ (ମହାଭାରତ): ଓଡ଼ିଶାରେ ଜାତୀୟ ଶିକ୍ଷାନୀତି ଲାଗୁ ହେବା ପାଇଁ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ଏନଇପି (ନ୍ୟାସନାଲ ଏଜୁକେସନାଲ ପଲିସି) କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଏହି କମିଟି ଗଠନ କରିଛନ୍ତି। ୧୬ ଜଣ ସଦସ୍ୟଙ୍କୁ ନେଇ ଷ୍ଟିଅରିଂ କମିଟି ଗଠିତ ହୋଇଛି। କମିଟିର ଅଧକ୍ଷ ଭାବେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। କମିଟିର ସଦସ୍ୟମାନେ ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ପାଠ୍ୟ ଖସଡା ପ୍ରସ୍ତୁତ କରିବେ।

ସଦସ୍ୟମାନଙ୍କ ମଧ୍ୟରେ ପ୍ରଫେସର ହୃଷୀକେଶ ସେନାପତି, ଆରଆଇଇ ଏବଂ ପୂର୍ବତନ ନିର୍ଦ୍ଦେଶକ, ଏନ୍‌ସିଇଆରଟି (ସଦସ୍ୟ), ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ସହଯୋଗୀ ପ୍ରଫେସର, ପ୍ରଫେସର ଉଦୟନାଥ ଦାଶ (ଅବସରପ୍ରାପ୍ତ), ମନସ୍ତତ୍ତ୍ୱ, ଉତ୍କଳ ବିଶ୍ୱବିଦ୍ୟାଳୟ, ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ, ପ୍ରଫେସର ସୁଦର୍ଶନ ମିଶ୍ର, ରେଭେନଶା ବିଶ୍ୱବିଦ୍ୟାଳୟ, ପ୍ରଫେସର ରଞ୍ଜନା ଆରୋରା, ଏନ୍‌ଆଇଇ, ଏନ୍‌ସିଇଆରଟି, ପ୍ରଫେସର ସୁନିତି ସାନାଲ, ଏନ୍‌ଆଇଇ, ଏନ୍‌ସିଇଆରଟି, ପ୍ରଫେସର ପି.ସି. ଅଗ୍ରୱାଲ, ପ୍ରିନ୍ସିପାଲ, ଏନ୍‌ଆଇଇ, ଭୁବନେଶ୍ୱର, ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ୍‌ଏସ୍‌ଟିସି, କାର୍ଯ୍ୟକ୍ରମ, ଏନ୍‌ଟିଇଆରଟି, ଡକ୍ଟର ମହେନ୍ଦ୍ର କୁମାର ମିଶ୍ର, ଭାଷା ଏବଂ ଶିକ୍ଷା ଫାଉଣ୍ଡେସନ୍, ପ୍ରଫେସର ଗାୟତ୍ରୀ ମହାନ୍ତି, ପ୍ରିନ୍ସିପାଲ, ଏନଡିଡବ୍ଲ୍ୟୁ ସିଟିଇ, ଭୁବନେଶ୍ୱର, ସରୋଜ କୁମାର ପଟ୍ଟନାୟକ, ନ୍ୟୁ ଲାଇଫ୍ ଏଜୁକେସନ୍ ଟ୍ରଷ୍ଟ, ଡକ୍ଟର ଶ୍ରୁତି ମହାପାତ୍ର, ସିଇଓ, ସ୍ୱାଭିମାନ, ମୋନାଲ ଜୟରାମ, ସିନିୟର କୋର୍ ଟିମ୍ ସଦସ୍ୟ, ପିରାମଲ୍ ଫାଉଣ୍ଡେସନ, ଗାୟତ୍ରୀ ବାହିନୀପତି, ସିଡିପିଓ, ବୋରିଗୁମା ଓ ସରକାରଙ୍କ ଅତିରିକ୍ତ ସଚିବ, ଏସ୍ ଆଣ୍ଡ ଏମ୍‌ଇ ବିଭାଗ ସଦସ୍ୟ ସଂଯୋଜକ।ଆସନ୍ତା ଶିକ୍ଷା ବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ ହେବ। ପ୍ରାଥମିକସ୍ତରରେ ପିଲାଙ୍କ ଶିକ୍ଷାର ମାନଦଣ୍ଡ ଆଧାରରେ ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ହେବ ।ଜାତୀୟ ଶିକ୍ଷାନୀତିରେ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରାଯିବ। ବିଦ୍ୟାଳୟସ୍ତରରେ ଧନ୍ଦାମୂଳକ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ। ଏହା ଦ୍ୱାରା ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ। ଏହା ସହିତ ଓଡ଼ିଆ ଭାଷା କଳା ଓ ସଂସ୍କୃତିକୁ ପାଠ୍ୟ ଖସଡ଼ାରେ ସାମିଲ କରାଯିବ।

ଆସନ୍ତା ଶିକ୍ଷାବର୍ଷରୁ ଏନଇପି ଆଧାରରେ ରାଜ୍ୟରେ ପଠାପଢ଼ା ଆରମ୍ଭ ହେବ। ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଜାରି କରିଛନ୍ତି। ସେ କହିଛନ୍ତି ଯେ, ବାଲବାଟିକାରୁ ଏନଇପି ଆରମ୍ଭ ହେବ। ଜାନୁଆରୀ ୨୧,୨୨, ୨୩ରେ ଏନେଇ କର୍ମଶାଳା ଅନୁଷ୍ଠିତ ହେବ। ଏହା ଦ୍ୱାରା ଓଡ଼ିଶାର ପାଠପଢାରେ ବୈପ୍ଲବିକ ପରିବର୍ତ୍ତନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ମହାକାଶରେ ଇତିହାସ ରଚିଲା ଭାରତ

### ସ୍ପେଡେକ୍ସ ମିଶନ୍ ସଫଳ

ନୂଆଦିଲ୍ଲୀ, ୧୬।୧ (ମହାଭାରତ): ମହାକାଶ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଇସ୍ରୋକୁ ବଡ଼ ସଫଳତା। ସ୍ପେଶ୍ ଡକିଂରେ ଇତିହାସ ରଚିଲା ଇସ୍ରୋ। ମହାକାଶରେ ସଫଳତାର ସହ ଡକିଂ କରି ଚତୁର୍ଥ ଦେଶ ଭାବେ ସଫଳତା ହାସଲ କରିଛି ଭାରତ। ଇସ୍ରୋର ସ୍ପେଡେକ୍ସ ମିଶନ୍ ସଫଳ ହୋଇଛି । ଆଜି ସକାଳୁ ସ୍ପେଶ୍ ଡେକିଂ କରିବାରେ ସଫଳ ହୋଇଛି ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର। ଏହି ସଫଳତା ଉପରେ ଇସ୍ରୋର ଚନ୍ଦ୍ରଯାନ-ଫୋର, ଗଗନୟାନ ଓ ଭାରତୀୟ ସ୍ପେଶ୍ ଷ୍ଟେସନ୍ ଭଳି ମିଶନ୍ ନିର୍ଭର କରୁଛି। ଗତ ୩୦ ଡିସେମ୍ବରରେ ଶ୍ରୀହରିକୋଟି ଶତୀଶ ଧୱନ ସ୍ପେଶ୍ ସେଣ୍ଟରରୁ ରାତି ୧୦ଟାରେ ସ୍ପେଡେକ୍ସର ଲଞ୍ଚିଂ ହୋଇଥିଲା।



# ଦୀପାଳିଙ୍କୁ ଆହ୍ୱାନ କଲେ ମନ୍ତ୍ରୀ

ଭୁବନେଶ୍ୱର, ୧୬।୧ (ମହାଭାରତ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ଦୁଇ ବର୍ଷ ପୂରିବାକୁ ଯାଉଥିବାବେଳେ ତାଙ୍କ ଝିଅ ଦୀପାଳି ଦାସ ସିବିଆଇ ତଦନ୍ତ ଦାବି ପ୍ରସଙ୍ଗରେ ମୁହଁ ଖୋଲି ଝଡ ସୃଷ୍ଟି କରିଛନ୍ତି। ଏ ପର୍ଯ୍ୟନ୍ତ ହତ୍ୟାର କାରଣ କଣ ତାହା ସ୍ପଷ୍ଟ ହୋଇ ପାରିନି। କ୍ରାଇମବ୍ରାଞ୍ଚକେବଳ ଗୋପାଳକୁ ଧରି ଚୁପ୍ ବସି ପଡିଛି। ଏହାରି ଭିତରେ ସିବିଆଇ ତଦନ୍ତ ଦାବି କରି ଦୀପାଳୀ ପରୋକ୍ଷରେ ବିଜେଡି ସୁପ୍ରିମୋଙ୍କୁ ଅକଳରେ ପକାଇଛନ୍ତି। ତେବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ମନ୍ତବ୍ୟ ରଖିଛନ୍ତି।

ଆଇନମନ୍ତ୍ରୀ କହିଛନ୍ତି, ଖାଲି ଗଣମାଧ୍ୟମ ଆଗରେ କହି ଦେଲେ ହେବନି। ଯଦି ପୂର୍ବ ସରକାର ତଦନ୍ତରେ ସେମାନେ ସନ୍ତୁଷ୍ଟ ନୁହନ୍ତି, ଲିଖିତ ଭାବେ ଜଣାଇଲେ ସରକାର ନିଷ୍ପତି ନେବେ। ସେତେବେଳେ ବିରୋଧ ଦଳରେ ଥିବା ବିଜେପି ନବଦାସ ହତ୍ୟାକାଣ୍ଡକୁ ନେଇ ସଡକରୁ ବିଧାନସଭା ଯାଏ ଗର୍ଜନ ତର୍ଜନ କରିଥିଲା। ସିବିଆଇ ତଦନ୍ତ ପାଇଁ ମଧ ଦାବି କରିଥିଲା। ଆଉ ଏବେ ଦୀପାଳୀ ରାଜ୍ୟ ସରକାରଙ୍କ ଉପରେ ସବୁ କିଛି ଛାଡି ଦେବା ପରେ ପୂରା ମାମଲା ନୂଆ ମୋଡ ନେଇଛି। କାରଣ ବହୁଦିନର ବ୍ୟବଧାନ ପରେ ନବଦାସଙ୍କ ଝିଅ ଦୀପାଳି ପ୍ରଥମ ଥର ପାଇଁ ସିବିଆଇ ତଦନ୍ତକୁ ନେଇ ମୁହଁ ଖୋଲିଛନ୍ତି। ମୋହନ ସରକାର ସିବିଆଇ ତଦନ୍ତ ଦିଗରେ ଆଗକୁ ବଢ଼ିବାକୁ ଦାବି କରିଛନ୍ତି।

ବିଳମ୍ବରେ ହେଲେ ବି ଦିପାଳୀ ସିବିଆଇ ତଦନ୍ତ ପାଇଁ ଦାବି କରିବାକୁ, ସବୁ ରାଜନୈତିକ ଦଳର ନେତା ସ୍ୱାଗତ କରିଛନ୍ତି । ନିର୍ବାଚନ ପୂର୍ବରୁ ଯେତେବେଳେ ବିରୋଧୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରୁଥିଲେ, ସେତେବେଳେ ବିରୋଧୀଙ୍କୁ କଟାକ୍ଷ କରୁଥିଲେ ଦିପାଳି ଓ ତାଙ୍କ ପରିବାର। ହେଲେ ଏବେ ଆଭିମୁଖ୍ୟ ପରିବର୍ତନ ଅନେକ ଇସାରା ଦେଉଛି।

## ଶ୍ରୀମନ୍ଦିରରେ କଡ଼ାକଡ଼ି ହେବ ନିୟମ

ପୁରୀ, ୧୬।୧ (ମହାଭାରତ): ଶ୍ରୀମନ୍ଦିର କର୍ମଚାରୀମାନଙ୍କ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ୫ ସୂତ୍ରୀ କର୍ଯ୍ୟକ୍ରମ ଜାରି କରିଛନ୍ତି। କର୍ମଚାରୀମାନେ ଏହି ପଞ୍ଚସୂତ୍ରୀ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

ଏହି ପାଞ୍ଚସୂତ୍ରୀ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର କର୍ମଚାରମାନେ ପ୍ରତିବର୍ଷ ଜାନୁଆରୀ ୩୧ ତାରିଖ ସୁଦ୍ଧା ସେମାନଙ୍କର ସମ୍ପତ୍ତି ତାଲିକା ଦାଖଲ କରିବେ। ଯେଉଁମାନେ ସମ୍ପତ୍ତି ତାଲିକା ନଦେବେ ସେମାନଙ୍କର ଇନକ୍ରିମେଣ୍ଟ, ପଦୋନ୍ନତି ଓ ପ୍ରୋତ୍ସାହନ ରାଶି ବନ୍ଦ କରି ଦିଆଯିବ। ଡ୍ୟୁଟି ସମୟରେ କୌଣସି କର୍ମଚାରୀ ପାନ, ଗୁଟଖା କିମ୍ବା କୌଣସି ନିଶାଦ୍ରବ୍ୟ ବ୍ୟବହାର କରିପାରିବେନି। କର୍ମଚାରୀମାନେ ପ୍ରତି ଶୁକ୍ରବାର ହସ୍ତତନ୍ତ ବସ୍ତ୍ର ପରିଧାନ କରିବେ। କେବଳ ୟୁନଫର୍ମ ପିନ୍ଧୁଥିବା କର୍ମଚାରୀମାନଙ୍କ ପାଇଁ ଏହା ଲାଗୁ ହେବନାହିଁ। ପ୍ରତିମାସର ୩ୟ ଶୁକ୍ରବାର କର୍ମଚାରୀମାନେ ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ। ଏହାବ୍ୟତୀତ ଡ୍ୟୁଟି ସମୟରେ କୌଣସି କର୍ମଚାରୀ ମୋବାଇଲ୍ ବ୍ୟବହାର କରିପାରିବେ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି।

## ବନ୍ଦ ହେବ ଇସ୍ରାଏଲ-ଗାଜା ଯୁଦ୍ଧ

ନୂଆଦିଲ୍ଲୀ, ୧୬।୧ (ମହାଭାରତ): ନୂଆବର୍ଷ ଆରମ୍ଭରୁ ବିଶ୍ୱରେ ଯୁଦ୍ଧ ବନ୍ଦର ସଙ୍କେତ ମିଳିଛି। ଆଉ ଏହି ସଙ୍କେତ ଦେଇଛି ଆମେରିକା। ଦୀର୍ଘ ଦେଢ ବର୍ଷର ନରସଂହାର ପରେ ବନ୍ଦ ହେବାକୁ ଯାଉଛି। ଇସ୍ରାଏଲ-ଗାଜା ଯୁଦ୍ଧ ଯୁଦ୍ଧବିରତି ଚୁକ୍ତି କରିବାକୁ ଉଭୟ ଦେଶ ପ୍ରସ୍ତୁତ ଥିବା ନେଇ ଜଣାପଡିଛି। ଯାହାଦ୍ୱାର ଆଧୁନିକ ମାନବ ଇତିହାସର ଏକ ଲମ୍ବା ନରସଂହାର ଧାରା ଉପରେ ପଡିପାରେ ଶାନ୍ତିର ବିରାମ ତେବେ ଏହି ଯୁଦ୍ଧ ଗତ ଦୁଇ ବର୍ଷ ଧରି ବିଶ୍ୱରେ ଚର୍ଚ୍ଚା ଶିରୋନାମା ପାଲଟିଥିଲା। କେହି କାହାରିକୁ ଛାଡିବାକୁ ଥିଲେ ନାରାଜ। ଗୋଟିଏ ପଟେ ଇସ୍ରାଏଲ ଅନ୍ୟପଟେ ହମାସ ସଂଗଠନ ଦୁଇ ପକ୍ଷ ମଧ୍ୟରେ।

୨୦୨୩ ଅକ୍ଟୋବର ୭ ତାରିଖରେ ଆରମ୍ଭ ହୋଇଥିଲା ଯୁଦ୍ଧ। ଇସ୍ରାଏଲ ଉପରେ ହଠାତ ଆକ୍ରମଣ କରିଥିଲା ହମାସ। ଆକ୍ରମଣରେ ୧୨୦୦ ଇସ୍ରାଏଲ ସୈନିକଙ୍କ ଜୀବନ ଯାଇଥିଲା। ୨୫୦ରୁ ଅଧିକ ଲୋକଙ୍କୁ ବନ୍ଦୀ କରିନେଇଥିଲା ହମାସ। ହମାସର ଆକ୍ରମଣ ପରେ ଇସ୍ରାଏଲ ଆରମ୍ଭ କରିଥିଲା ଅପରେସନ।

# ହିଣ୍ଡେନବର୍ଗ କମ୍ପାନୀ ବନ୍ଦ

ନୂଆଦିଲ୍ଲୀ, ୧୬।୧ (ମହାଭାରତ): ଆଦାନୀ ଗ୍ରୁପର ବଡ଼ ଖୁଲାସା କରିଥିବା ଏବଂ ଆମେରିକୀୟ ସର୍ଟ ସେଲିଂ ଫାର୍ମ ହିଣ୍ଡେନବର୍ଗ ଏବେ ନିଜ ଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ହିଣ୍ଡେନବର୍ଗ ରିସର୍ଚ୍ଚର ପ୍ରତିଷ୍ଠାତା ନାଥନ ଆଣ୍ଡରସନ କମ୍ପାନୀକୁ ବନ୍ଦ କରିବା ପାଇଁ ଏକ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇଛନ୍ତି। ଇଏ ହେଉଛି ସେହି କମ୍ପାନୀ ଯାହାର ରିପୋର୍ଟ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲା ଏବଂ ଗୌତମ ଆଦାନୀ ଗ୍ରୁପକୁ ବହୁତ କ୍ଷତି ପହଞ୍ଚାଇଥିଲା। ହିଣ୍ଡେନବର୍ଗ ରିସର୍ଚ୍ଚର ପ୍ରତିଷ୍ଠାତା ନାଥନ ଆଣ୍ଡରସନ ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟରେ କମ୍ପାନୀ ବନ୍ଦ ହେବାର ଘୋଷଣା କରିଛନ୍ତି।

ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, ସେ ସ୍ମାର୍ଟ ହେବା ଜାଣିନାହାଁନ୍ତି, ତେଣୁ ସେ ତାଙ୍କ କମ୍ପାନୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଉଛନ୍ତି ଏହି ନିଷ୍ପତ୍ତି ସହିତ, ଐତିହାସିକ ଆର୍ଥିକ ତଦନ୍ତ ଯୁଗର ମଧ୍ୟ ଅନ୍ତ ଘଟିଛି। ଆଦାନୀ ଗ୍ରୁପକୁ ବିପୁଳ କ୍ଷତି ପହଞ୍ଚାଇଥିବା ଆମେରିକାର ଏକ ସର୍ଟ-ସେଲିଂ ଫାର୍ମ ହିଣ୍ଡେନବର୍ଗ ରିସର୍ଚ୍ଚର ପ୍ରତିଷ୍ଠାତା ନାଥନ ଆଣ୍ଡରସନ ଏକ୍ସରେ ଏକ ଭାବପ୍ରବଣ ପୋଷ୍ଟ ମାଧ୍ୟମରେ ତାଙ୍କର ଯାତ୍ରା, ସଂଘର୍ଷ ଏବଂ ସଫଳତା ବାଣ୍ଟିଛନ୍ତି। ଆଣ୍ଡରସନ ପୋଷ୍ଟରେ ଲେଖିଛନ୍ତି, ଆମେ ଯେଉଁ ଧାରଣା ଉପରେ କାମ କରୁଥିଲୁ ତାହା ସମାପ୍ତ କରିବା ପରେ ଏହାକୁ ବନ୍ଦ କରିବାର ଯୋଜନା ଥିଲା ତେଣୁ ଆଜି ସେହି ଦିନ ଆସିଯାଇଛି।




ସେ ତାଙ୍କ ପୋଷ୍ଟରେ ଆହୁରି ଲେଖିଛନ୍ତି, ମୁଁ ମୋର ଅଧିକାଂଶ ଚାକିରିରେ ଜଣେ ଭଲ କର୍ମଚାରୀ ଥିଲି କିନ୍ତୁ ଅଧିକାଂଶ ସମୟରେ ମୋତେ ଅଣଦେଖା କରାଯାଉଥିଲା, ମୁଁ ଚାଲାକ ଥିଲି, ଯେତେବେଳେ ମୁଁ ଏହି ଚାକିରି ଆରମ୍ଭ କରିଥିଲି ସେତେବେଳେ ମୋ ପାଖରେ ଏତେ ଟଙ୍କା ନ ଥିଲା ଚାକିରି ଛାଡିବା ପରେ, ମୋ ବିରୋଧରେ ରୁଜୁ ହୋଇଥିବା ତିନୋଟି ମାମଲାରେ ମୋର ବଳକା ସଞ୍ଚୟ ମଧ ଶେଷ ହୋଇଗଲା ସେହି ସମୟରେ, ଯଦି ମୁଁ ବିଶ୍ୱ ପ୍ରସିଦ୍ଧ ହିସିଲବ୍ଲୋୟର ଓକିଲ ବ୍ରାଏନ ଉଡଙ୍କୁ ସମର୍ଥନ ପାଇ ନ ଥାନ୍ତି, ତେବେ ମୁଁ ପ୍ରଥମ ପଦକ୍ଷେପରେ ହିଁ ବିଫଳ ହୋଇଥାନ୍ତି ମୁଁ ଛୋଟ ପିଲା ପରି ଡରିଯାଉଥିଲି, କିନ୍ତୁ ମୁଁ ଏହା ମଧ ଜାଣିଥିଲି ଯେ ଯଦି ମୁଁ ଆଗକୁ ନ ବଢିବି ତେବେ ମୁଁ ଭାଙ୍ଗି ପଡ଼ିବି ମୋ ପାଖରେ ଆଗକୁ ବଢ଼ିବାର ବିକଳ୍ପ ଥିଲା।

ସୂଚନାଥାଉ କି, ୨୦୧୭ରେ ହିଣ୍ଡେନବର୍ଗର ପ୍ରତିଷ୍ଠା ପରଠାରୁ, ଏହି ଗବେଷଣା ସଂସ୍ଥା ଶିଳ୍ପରେ ଠକେଇ, ଦୁର୍ନୀତି ଏବଂ କୁପରିଚାଳନା ପର୍ଦ୍ଦାଫାସ କରିବା ପାଇଁ ଏକ ଖ୍ୟାତି ଅର୍ଜନ କରିଛି। ଆଣ୍ଡରସନ ତାଙ୍କର ସଫଳତାକୁ କିଛି ବଡ଼ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିବା ଭାବରେ ବର୍ଣ୍ଣନା କରିଥିଲେ। ଯାହାକୁ ଦୋହଲାଇ ଦେବା ଆବଶ୍ୟକ ବୋଲି ସେ ଅନୁଭବ କରିଥିଲେ। ହିଣ୍ଡେନବର୍ଗ ରିପୋର୍ଟ ଦ୍ୱାରା ଆଦାନୀ ଏବଂ ବ୍ଲକ ଇନକର୍ପୋରେଟେଡ , ସେବି ସମେତ ଅନେକ କୋଟିପତି ଭୟଭୀତ ହୋଇ ଯାଇଥିଲେ। ୨୦୨୩ ମସିହାରେ ହିଣ୍ଡେନବର୍ଗ ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ ଉପରେ ଠକେଇ ଓ ଦୂର୍ନୀତିର ଅଭିଯୋଗ ଆଣି ଏକ ରିପୋର୍ଟ ପ୍ରକାଶ କରିଥିଲେ ବ୍ଲୁମବର୍ଗ ବିଲିୟନିୟର୍ସ ଇଣ୍ଡେକ୍ସ

# ୮ମ ବେତନ କମିଶନକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ, ୧୬।୧ : ସରକାରୀ କର୍ମଚାରୀଙ୍କୁ ମିଳିଲା ବଡ଼ ଉପହାର ୮ମ ବେତନ କମିଶନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନଶନଭୋଗୀମାନେ ଅଷ୍ଟମ ବେତନ କମିଶନ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିଲେ ଏବଂ ସରକାର ସେମାନଙ୍କୁ ଏହି ଉପହାର ଦେଇଛନ୍ତି। ଏଥିପାଇଁ ଖୁବ ଶୀଘ୍ର ଏକ କମିଟି ଗଠନ କରାଯିବ ଏବଂ ଅଷ୍ଟମ ବେତନ କମିଶନ ଗଠନ ପ୍ରକ୍ରିୟା ଆରମ୍ଭ କରାଯିବ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନରେ କେନ୍ଦ୍ର କ୍ୟାବିନେଟର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ଅନୁମୋଦନ କରାଯାଇଛି।

ଏହା ଦ୍ୱାରା ସରକାରୀ କର୍ମଚାରୀଙ୍କ ଦରମାରେ ଏକ ବିରାଟ ବୃଦ୍ଧି ଘଟିବ। କର୍ମଚାରୀମାନେ ଗତ ୧୦ ବର୍ଷ ଧରି ୮ମ ବେତନ କମିଶନକୁ ଅପେକ୍ଷା କରିଥିଲେ। କାରଣ ଏହା ବିଶ୍ୱାସ କରାଯାଉଥିଲା ଯେ ସରକାର ଆଗକୁ ବେତନ କମିଶନକୁ ଅନୁମୋଦନ କରିବେ ନାହିଁ।କିନ୍ତୁ, ଗୁରୁବାର କ୍ୟାବିନେଟ ବୈଠକରେ ଏହି ପ୍ରସଙ୍ଗକୁ ଅନୁମୋଦନ ମିଳିବା ପରେ, ଗୁଜବ ଏବଂ କଳ୍ପନାଜଳ୍ପନାର ବଜାର ମଧ ଶେଷ ହୋଇଯାଇଛି।

ଏଥିପାଇଁ କେନ୍ଦ୍ରୀୟ କର୍ମଚାରୀଙ୍କ ସଂଗଠନଗୁଡ଼ିକ କ୍ୟାବିନେଟ ସଚିବଙ୍କୁ ଭେଟି ଅଷ୍ଟମ ବେତନ କମିଶନ ଗଠନ ପାଇଁ ଦାବି କରିଥିଲେ ଏବଂ ଏହି ସଂଗଠନଗୁଡ଼ିକ ଅଷ୍ଟମ ବେତନ କମିଶନ ଗଠନ ପାଇଁ ସରକାରଙ୍କ ଉପରେ ନିରନ୍ତର ଚାପ ସୃଷ୍ଟି କରୁଥିଲେ।

ଏହି ନିଷ୍ପତ୍ତି ସହିତ, କର୍ମଚାରୀଙ୍କ ମନରେ କେବଳ ଗୋଟିଏ ପ୍ରଶ୍ନ ଉଠୁଥିବ ଯେ ଏବେ ସେମାନଙ୍କର ଦରମା କେତେ ବୃଦ୍ଧି ପାଇପାରେ। ଏହି ସୂଚନା ଦେବା ପୂର୍ବରୁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ସରକାର ୨୮ ଫେବୃଆରୀ ୨୦୧୪ରେ ସପ୍ତମ ବେତନ କମିଶନ ଗଠନ କରିଥିଲେ। ରାଜ୍ୟ ଏବଂ ସରକାରୀ କମ୍ପାନୀଗୁଡ଼ିକ ସହିତ ଆଲୋଚନା ଏବଂ ପରାମର୍ଶ ପରେ, କମିଶନ ୧୯ ନଭେମ୍ବର, ୨୦୧୫ରେ ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ, ଯାହା ପରେ ୧ ଜାନୁଆରୀ, ୨୦୧୬ରୁ ସପ୍ତମ ବେତନ କମିଶନ ଲାଗୁ କରାଯାଇଥିଲା।

ସପ୍ତମ ବେତନ କମିଶନର କାର୍ଯ୍ୟକାଳ ୨୦୨୬ରେ ଶେଷ ହେବ ଅଷ୍ଟମ ବେତନ କମିଶନ ଏହାର ରିପୋର୍ଟ ଦାଖଲ କରିବା ପୂର୍ବରୁ ରାଜ୍ୟ ସରକାର, ସରକାରୀ କମ୍ପାନୀ ଇତ୍ୟାଦିଙ୍କ ସହିତ ଆଲୋଚନା କରିବ। ସରକାର ଖୁବଶୀଘ୍ର ଅଷ୍ଟମ ବେତନ କମିଶନର ଅଧକ୍ଷ ଏବଂ ଦୁଇ ସଦସ୍ୟଙ୍କ ନାମ ଘୋଷଣା କରିବେ। ଏହା ବିଶ୍ୱାସ କରାଯାଉଛି ଯେ ୮ମ ବେତନ କମିଶନ ଜାନୁଆରୀ ୨୦୨୬ ରୁ ଲାଗୁ କରାଯାଇପାରେ। କାରଣ ସପ୍ତମ ବେତନ କମିଶନର ସମୟ ସୀମା ଜାନୁଆରୀରେ ହିଁ ଶେଷ ହୋଇଯିବ। ଏହା ପୂର୍ବରୁ ସମସ୍ତ ଅଂଶୀଦାର ଏବଂ ସରକାରଙ୍କ ସହିତ ପରାମର୍ଶ କରାଯିବ।

ସପ୍ତମ ବେତନ କମିଶନ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ଗଠନ, ଭତ୍ତା ଏବଂ ପେନଶନରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲା ଏବଂ ଏଥର ମଧ ଏସବୁ ପରିବର୍ତ୍ତନ ହେବ ବୋଲି ବିଶ୍ୱାସ କରାଯାଉଛି। କମିଶନଙ୍କ ସୁପାରିଶଗୁଡ଼ିକ କର୍ମଚାରୀ ଏବଂ ଅବସରପ୍ରାପ୍ତ ପେନଶନଭୋଗୀ ଉଭୟଙ୍କୁ ଲାଭଦାୟକ ହେବ। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପ୍ରତି ୧୦ ବର୍ଷରେ ଏକ ବେତନ କମିଶନ ଗଠନ କରନ୍ତି ଏଥିରେ, ମୁଦ୍ରାସ୍ଫୀତି ଏବଂ ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କର୍ମଚାରୀଙ୍କ ଦରମା, ଭତ୍ତା ଏବଂ ସୁବିଧା ସମୀକ୍ଷା କରାଯାଏ ଏହା ପରେ, ପେନଶନଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ (ଡିଆର) ଉଭୟରେ ପରିବର୍ତ୍ତନ ହୋଇଥାଏ।

# ସୈଫ ଅଲ୍ଲୀ ଖାଁଙ୍କୁ ଆକ୍ରମଣ

ମୁମ୍ବାଇ, ୧୬।୧: କେବଳ ମୁମ୍ବାଇ ନୁହେଁ, ପୂରା ଦେଶରେ ହଇଚଇ ସୃଷ୍ଟି କରିଛି ବଲିଉଡ୍ ଷ୍ଟାର ସୈଫ ଅଲୀ ଖାନଙ୍କ ମରଣାନ୍ତକ ଆକ୍ରମଣ ଘଟଣା। ବାନ୍ଦ୍ରା ସ୍ଥିତ ଘରେ ଜଣେ ଦୁର୍ବୃତ୍ତ ତାଙ୍କୁ ଛୁରୀରେ କରିଛି। ଆକ୍ରମଣ ତାଙ୍କ ଶରୀରରେ ୬ଟି ସ୍ଥାନରେ ସୃଷ୍ଟି ହୋଇଛି କ୍ଷତ। ସେଥିରୁ ଦୁଇଟି ଗଭୀର ହୋଇଥିବା ବେଳେ ୨ଟି ମଧ୍ୟମ ଓ ଆଉ ୨ଟି ସାମାନ୍ୟ ତାଙ୍କ ମେରୁଦଣ୍ଡରେ ଛୁରୀର ଏକ ଖଣ୍ଡ ରହି ଯାଇଥିଲା, ଯାହାର ଲମ୍ବ ୨.୫ ଇଞ୍ଚ ଥିଲା। ଅସ୍ତ୍ରୋପଚାର କରି ଡାକ୍ତରମାନେ ସେଇଟିକୁ ବାହାର କରି ଦେଇଛନ୍ତି। ତାଙ୍କ ଶରୀରରେ ଉଭୟ ନ୍ୟୁରୋ ଓ ପ୍ଲାଷ୍ଟିକ ସର୍ଜରୀ କରାଯାଇଛି ସେ ବିପଦମୁକ୍ତ ଅଛନ୍ତି ତଥାପି ତାଙ୍କୁ ଆଇସିୟୁରେ ରଖାଯାଇଛି।୨୪ ଘଣ୍ଟା ପାଇଁ ସୈଫଙ୍କୁ ଡାକ୍ତରଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ରଖାଯିବ।



ଗତକାଲି ରାତି ପ୍ରାୟ ୨ଟା ବେଳେ ଘଟିଥିଲା। ଏହି ଘଟଣା ସେତେବେଳେ ସୈଫ ତାଙ୍କ ବାନ୍ଦ୍ରା ସ୍ଥିତ ଘରେ ଶୋଇଥିଲେ। ପରିବାରର ଅନ୍ୟ ଲୋକମାନେ ମଧ ଥିଲେ। ହଠାତ ସୈଫ ତାଙ୍କର ଜଣେ ଘରୋଇ ସହାୟିକାଙ୍କ ଚିତ୍କାର ଶୁଣିଥିଲେ। ଘରୋଇ ସହାୟିକା ଜଣଙ୍କ ସୈଫଙ୍କ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ କଠୋରୀରେ ଶୋଇଥିଲେ। ଦୁର୍ବୃତ୍ତ ଜଣଙ୍କ ପ୍ରଥମେ ସେହି କଠୋରୀରେ ପଶିଥିଲେ। ଘରୋଇ ସହାୟିକା ତାଙ୍କୁ ଦେଖିବା ପରେ ଚିତ୍କାର କରିଥିଲେ ଦୁର୍ବୃତ୍ତ ଜଣଙ୍କ ତାଙ୍କୁ ଆଘାତ ଦେବାକୁ ପ୍ରୟାସ କରିଥିଲେ ଘରୋଇ ସହାୟିକାଙ୍କ ଚିତ୍କାର ଶୁଣି ସୈଫ ସେଠାକୁ ଦୌଡ଼ି ଯାଇଥିଲେ। ସୈଫ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ପ୍ରୟାସ କରିଥିଲେ ହେଲେ ଦୁର୍ବୃତ୍ତ ଜଣଙ୍କ ତାଙ୍କୁ ଛୁରୀରେ ଏକାଧିକ ଥର ଆଘାତ କରି ସେଠାରୁ ଫେରାର ହୋଇ ଯାଇଥିଲେ ଆହତ ସୈଫଙ୍କୁ ତୁରନ୍ତ ଲୀଲାବତୀ ହସ୍ପିଟାଲକୁ ନିଆଯାଇଥିଲା।

ସୈଫଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତ ଫେରାର ଅଛି ତାକୁ ଚିହ୍ନଟ କରାଯାଇସାରିଛି ବୋଲି ମୁମ୍ବାଇ ପୁଲିସ କହିଛି ତାକୁ ଧରିବା ପାଇଁ ୧୦ଟି ଟିମ୍ ଗଠନ କରାଯାଇଛି। ପ୍ରାଥମିକ ତଦନ୍ତ ପରେ ପୁଲିସ କହିଛି ଯେ ଉକ୍ତ ବ୍ୟକ୍ତି ଚୋରି କରିବାକୁ ସୈଫଙ୍କ ଘରେ ପଶିଥିଲା ସେଥିପାଇଁ ସେ ଉକ୍ତ ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ଶିଢ଼ିକୁ ବ୍ୟବହାର କରିଥିଲା ତେବେ ସୈଫଙ୍କ ଉପରେ ହୋଇଥିବା ଆକ୍ରମଣର ୨ ଘଣ୍ଟା ପୂର୍ବରୁ ଉକ୍ତ ଆପାର୍ଟମେଣ୍ଟର ସିସିଟିଭିରେ କଏଦ ହୋଇନି ଦୁର୍ବୃତ୍ତ ଅର୍ଥାତ ସେ ତାପୂର୍ବରୁ ସେଠାରେ ପ୍ରବେଶ କରି ସାରିଥିଲା ବୋଲି ଅନୁମାନ କରୁଛି। ପୁଲିସ ସୈଫଙ୍କ ୩ ଘରୋଇ ସହାୟକ/ସହାୟିକାଙ୍କୁ ନେଇ ପଚରାଉଚରା କରୁଛି। ପୁଲିସ ସେମାନଙ୍କ ମଧ୍ୟରୁ କାହାର ଦୁର୍ବୃତ୍ତଙ୍କ ସହିତ ସଂପର୍କ ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଏହା ସହିତ ସୈଫଙ୍କ ହାଉସିଂ ସୋସାଇଟିରେ ଏବେ ମରାମତି କାମ ଚାଲିଥିବାରୁ କିଛି ଶ୍ରମିକଙ୍କୁ ମଧ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି ସେହିପରି ପୁଲିସ ଉକ୍ତ ଆପାର୍ଟମେଣ୍ଟ ଓ ସୈଫଙ୍କ ଘରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି।

ଦୁର୍ବୃତ୍ତ ଜଣଙ୍କ ଚୋରି କରିବା ଉଦ୍ଦେଶ୍ୟରେ ସେମାନଙ୍କ ଘରେ ପ୍ରବେଶ କରିଥିବା ନେଇ ଉଭୟ ସୈଫ ଓ ତାଙ୍କ ପତ୍ନୀ ତଥା ବଲିଉଡ୍ ଅଭିନେତ୍ରୀ କରୀନାଙ୍କ ପକ୍ଷରୁ ଜାରି କରାଯାଇଥିବା ବୟାନରେ କୁହାଯାଇଛି କରୀନାଙ୍କ ତରଫରୁ ତାଙ୍କ ଟିମ୍ ଜାରି କରିଥିବା ବୟାନରେ କହିଛି, ସୈଫ ଅଲୀ ଖାନ ଓ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ କରୀନା କପୁର ଖାନଙ୍କ ଘରେ ଗତକାଲି ରାତିରେ ଚୋରି ଉଦ୍ୟମ ହୋଇଥିଲା ସୈଫ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।

## କଖାରୁ ଫୁଲ ଅଣ୍ଡା ଘଟ୍

**ଆବଶ୍ୟକ ସାମଗ୍ରୀ:** ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଘଟ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଘଟ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଘଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଘଟ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





**ଖବର**

## କ'ଣ ପାଇଁ ଜୁହିଙ୍କୁ ବିବାହ କରିପାରିନଥିଲେ ସଲମାନ





ବଲିଉଡ ଅଭିନେତ୍ରୀ ଜୁହି ଚାଓ୍ୱଲାଙ୍କୁ ବିବାହ କରିବାକୁ ଚାହୁଁଥିଲେ ଦବଙ୍ଗ ଷ୍ଟାର ସଲମାନ ଖାନ୍। ହେଲେ ଅଭିନେତ୍ରୀଙ୍କ ବାପା ଦେଇନଥିଲେ ଅନୁମତି। ଏହି ଖବରଟି ଆପଣଙ୍କୁ ଆଶ୍ଚର୍ଯ୍ୟ କରୁଥିଲେ ବି ଏହା ସତ୍ୟ ଏହି ଘଟଣାଟି ଘଟିଥିଲା। ୧୯୯୦ଦଶକରେ। ଏବେ ସଲମାନଙ୍କ ଏକ ପୁରୁଣା ସାକ୍ଷାତକାରର ଭିଡିଓ ଭାଇରାଲ ହେବା ପରେ ଏହି ଖବରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଭିଡିଓରେ ସଲମାନ, ଜୁହିଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ ବୋଲି କହୁଥିବା ଦେଖିବାକୁ ମିଳିଛି। ଭିଡିଓରେ ସଲମାନ କହୁଛନ୍ତି ଯେ ସେ ଜୁହିଙ୍କ ବାପାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ହେଲେ ତାଙ୍କ ବାପା ଏହି ପ୍ରସ୍ତାବକୁ ଗ୍ରହଣ କରିନଥିଲେ। ଏହା ସହ ପ୍ରସ୍ତାବ ଗ୍ରହଣ ନକରିବାର କାରଣ ମଧ୍ୟ କହିନଥିଲେ। ଏହା ପରେ ଜୁହିଙ୍କ ବିବାହ ୧୯୯୫ରେ ବ୍ୟବସାୟୀ ଜୟ ମେହତାଙ୍କ ସହ ହୋଇଥିଲା। ତେବେ ଜୁହି ଏବଂ ସଲମାନ, ଅନିଲ କପୁର ଓ ଗୋବିନ୍ଦାଙ୍କ ସହ କମେଡି ଫିଲ୍ମ ଦିଓ୍ୱାନା ମସ୍ତାନା (୧୯୯୭) ରେ ଏକାଠି କାମ କରିଥିଲେ। ଡେଭିଡ ଧଓ୍ୱନଙ୍କ ଫିଲ୍ମରେ ସଲମାନଙ୍କର ଏକ କାମିଓ ଥିଲା। ଏହା ପରେ ଜୁହି, ସଲମାନ ଖାନଙ୍କ ରିଆଲିଟି ସୋ ବିଗ୍ ବସରେ ଅତିଥି ଭାବରେ ନଜର ଆସିଥିଲେ।

## ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ



ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚାରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।

- ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।
- ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ।
- ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

## ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'

ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ। ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?



**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

- ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।
- ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।
- ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।
- କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।
- ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

- ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

## ପ୍ରତିଦିନ ଡାଏଟରେ ସାମିଲ୍ କରନ୍ତୁ ତେନ୍ତୁଳି ଜୁସ୍

ଅଧିକାଂଶ ଲୋକ ମିଠା ଏବଂ ଖଟା ଖାଇବାକୁ ପସନ୍ଦ କରନ୍ତି। ସେ ଜୁସ୍ ହେଉ କିମ୍ବା ଚଟନି। ସେହପରି ତେନ୍ତୁଳି ଏକ ପ୍ରକାରର ଖଟା ଯାହାକୁ ସମସ୍ତେ ଖାଇବାକୁ ଇଚ୍ଛା କରନ୍ତି । କୁହାଯାଏ କି ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଫାଇବର ଭଳି ଉପାଦାନ ରହିଥାଏ। ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। ଯଦି ଆପଣ ନିଜ ଡାଏଟରେ ସାମିଲ୍ କରିବାକୁ ଚାହାଁନ୍ତି, ତେବେ ଆପଣ ଏହାକୁ ଜୁସ୍ ଆକାରରେ ପିଇ ପାରିବେ।

**ଓଜନ ହ୍ରାସ:** ତେନ୍ତୁଳି ଜୁସ୍ ଖୁବ୍ ଉପକାରୀ ଅଟେ। ତେନ୍ତୁଳି ରସରେ ସାମାନ୍ୟ ଡାଇୟୁରେଟିକ୍ ଗୁଣ ରହିଛି ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏଥିରେ ଫାଇବରର ମାତ୍ର ଭରପୂରଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଭିତରର ସିଷ୍ଟମକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରିବ।





**ହାର୍ଟ ସମସ୍ୟା ହ୍ରାସ୍:** ତେନ୍ତୁଳି ଜୁସ୍ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହାକୁ ପ୍ରତିଦିନ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରଣ ରଖିଥାଏ।

**ହଜମ ପ୍ରକ୍ରିୟା ଭଲ ହେବ:** ତେନ୍ତୁଳି ଜୁସ୍ ହଜମ ପାଇଁ ଅତ୍ୟନ୍ତ ଲାଭଦାୟକ। ଶରୀର ସୁସ୍ଥ ରହିବା ସହ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିଥାଏ। ଅମ୍ଳତଭଣ୍ଡା, କୋଷ୍ଠକାଠିନ୍ୟ, ପେଟ ଫାଟିଯିବା କିମ୍ବା ଫୁଲିବା ଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ତେନ୍ତୁଳି ଜୁସ୍ ଖୁବ୍ ଲାଭଦାୟକ।

**ସୌନ୍ଦର୍ଯ୍ୟ ବୃଦ୍ଧି:** ବାହ୍ୟ ସୌନ୍ଦର୍ଯ୍ୟକୁ ବଢାଇବା ପାଇଁ, ଆମେ ମୁହଁରେ ବହୁତ କିଛି କରିଥାଉ। ଏଥିପାଇଁ ଚର୍ମ ଭିତରରୁ ପୋଷଣ ମିଳିବା ନିହାତି ଆବଶ୍ୟକ। ଯେଉଁଥିପାଇଁ ସୁସ୍ଥ ଖାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ପରିସ୍ଥିତିରେ ପ୍ରତିଦିନ ଏହି ଜୁସ୍ ପିଇବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିପାରେ । ଏଥିରେ ଭିଟାମିନ୍-ସି ଭରପୂର ମାତ୍ରାରେ ରହିଥାଏ। ଯାହା ଚର୍ମର ଗଠନକୁ ସଜାଡ଼ିବାରେ ସାହାଯ୍ୟ କରିବ।

## ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା

ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନକହି ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ୍ୟ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ



ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ । ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

# ଗୃହମନ୍ତ୍ରୀଙ୍କ ଦ୍ୱାରା ପ୍ରତ୍ନତାତ୍ତ୍ୱିକ ଅନୁଭୂତି ସଂଗ୍ରହାଳୟ ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୧ (ମହାଭାରତ):** ଗୁଜୁରାଟର ବଡନଗରରେ ଜନ୍ମ ଗ୍ରହଣ କରିଥିବା ଜଣେ ସାଧାରଣ ପିଲାରୁ ବିଶ୍ୱ ନେତା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ ଯାତ୍ରା ଆଗାମୀ ଦିନରେ ଦେଶ ଦୁନିଆର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅଧ୍ୟୟନର ବିଷୟ ହେବ। ଗୁରୁବାର ଗୁଜରାଟର ବଡନଗର ଠାରେ ଏକ ଅତ୍ୟାଧୁନିକ ପ୍ରତ୍ନତତ୍ତ୍ୱିକ ଅନୁଭୂତି ସଂଗ୍ରହାଳୟ, ପ୍ରେରଣା କମ୍ପ୍ଲେକ୍ସ ଏବଂ ୱାଡନଗର କ୍ରୀଡ଼ା କମ୍ପ୍ଲେକ୍ସକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା। କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ ଆଜି ସମଗ୍ର ବିଶ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦାନୁସରଣ କରୁଛି। ଆଜିର କାର୍ଯ୍ୟକ୍ରମ ମୋଦୀଙ୍କ ଜନ୍ମସ୍ଥାନରେ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ବଡନଗରକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଶ ଓ ବିଶ୍ୱର ମାନଚିତ୍ରରେ ସ୍ଥାନିତ କରିବାକୁ ଯାଉଛି। ବଡନଗର ହେଉଛି ବିଶ୍ୱର ଅନ୍ୟତମ ପୁରାତନ ସହର। ଏହା ପ୍ରତ୍ୟେକ ଯୁଗର ସଂସ୍କୃତି ଏବଂ ମୂଲ୍ୟବୋଧକୁ ପ୍ରଭାବିତ କରିଛି । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାର କେନ୍ଦ୍ରସ୍ଥଳ ବଡନଗରର ତପୋଭୂମି ଆଜି ନୂଆ ରୂପ ନେଉଛି। ଐତିହାସିକ ଐତିହ୍ୟର ଏହି ଭୂମିକୁ ଏକବିଂଶ ଶତାବ୍ଦୀରେ ଭାରତର ନେତୃତ୍ୱ ନେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ ସହିତ ଗ୍ଲୋବାଲ ସାଉଥର ସ୍ୱର ହୋଇଛନ୍ତି। ଏହା ହେଉଛି ବଡନଗରର ସଂସ୍କାର। ଏହି ଅଞ୍ଚଳର ବିଚାର, ଯାହାର ଛତ୍ରଛାୟାରେ ସମଗ୍ର ବିଶ୍ୱର ଲୋକମାନେ ଲାଭ ପାଉଛନ୍ତି। ଯେଉଁ ସ୍କୁଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ, ସେହି ଠାରେ ଲୋକାର୍ପିତ 'ପ୍ରେରଣା କମ୍ପଲେକ୍ସ' ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପାଠ୍ୟକ୍ରମ ମାଧ୍ୟମରେ ଆମ ପିଲାମାନଙ୍କ ମଧ୍ୟରେ ନେତୃତ୍ୱର ଗୁଣାତ୍ମକ ଏବଂ ମୂଲ୍ୟବୋଧ ବିକାଶ କରିବାର ଏକ ଜରିଆ ହେବ। ଏହି ଆଧୁନିକ ସଂଗ୍ରହାଳୟରେ ବଡନଗର ପ୍ରାଚୀନ ସଂସ୍କୃତି ଏବଂ ଇତିହାସର ଛାପ ରହିଛି। ଏହା ବିଶ୍ୱର ଏକମାତ୍ର ଅତ୍ୟାଧୁନିକ ସଂଗ୍ରହାଳୟ। ବଡନଗର ଆମର ସମୃଦ୍ଧ ଐତିହ୍ୟ। ଆଗାମୀ ଦିନରେ ଏହି ଭୂମି ଆମର ଯୁବପିଢ଼ିଙ୍କୁ ଗର୍ବିତ କରିବା ସହିତ ଏକ ବିକଶିତ ଭାରତ ନିର୍ମାଣ ପାଇଁ ପ୍ରେରଣା ଯୋଗାଇବ। ଆଜି ପ୍ରେରଣା ବିଦ୍ୟାଳୟର ୪୨ତମ ବ୍ୟାଚର ଛାତ୍ରଛାତ୍ରୀଙ୍କ ସହ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶାହ ଆଲୋଚନା କରିଥିଲେ। ଏ ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ଯେ ଏହି ଆଲୋଚନା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନଦାୟକ ନଥିଲା, ବରଂ ତାଙ୍କ ଭିତରେ ନୂତନ ଶକ୍ତି ଏବଂ ଚିନ୍ତାଧାରା ମଧ୍ୟ ସୃଷ୍ଟି କରିଥିଲା। ଏହି ପ୍ରେରଣାଦାୟୀ ଆଲୋଚନା ସେମାନଙ୍କ ବ୍ୟକ୍ତିତ୍ୱ ଏବଂ ଦୃଷ୍ଟିକୋଣକୁ ବ୍ୟାପକ କରିବାରେ ସାହାଯ୍ୟ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ପ୍ରେରଣା ବିଦ୍ୟାଳୟ ଆଜି ଶିକ୍ଷା ଓ ମୂଲ୍ୟବୋଧର ଏକ ଅନନ୍ୟ କେନ୍ଦ୍ରରେ ପରିଣତ ହୋଇଛି। ଅଭିଜ୍ଞତା ଭିତ୍ତିକ, ଅଭିନବ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ବିଶ୍ୱ ମଞ୍ଚରେ ଉତ୍କୃଷ୍ଟ ହେବା ପାଇଁ ପ୍ରସ୍ତୁତ କରୁଛି। ନୂତନ ପିଢ଼ିଙ୍କୁ ଅନୁଭୂତିମୂଳକ ଓ ସାମଗ୍ରିକ ଶିକ୍ଷା ପ୍ରଦାନ କରି ଭବିଷ୍ୟତର ଦକ୍ଷ ନେତାଙ୍କୁ ଗଢ଼ିତୋଳିବା ପାଇଁ ଏହି ବିଦ୍ୟାଳୟ କାର୍ଯ୍ୟ କରୁଛି। ଗୃହମନ୍ତ୍ରୀଙ୍କ ସହ ଏହି ବାର୍ତ୍ତାଳାପ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଦେଶପ୍ରେମ ଏବଂ ସମାଜ ପ୍ରତି ଦାୟିତ୍ୱବୋଧକୁ ସୁଦୃଢ଼ କରି 'ବିକଶିତ ଭାରତ' ଗଠନ ପାଇଁ ପ୍ରେରଣା ଯୋଗାଇବ। ଏହି ସମାରୋହରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ୍ୟ ଉପସ୍ଥିତ ଥିଲେ।



## ସହଦେବ ନାୟକ ହତ୍ୟା ଘଟଣା
# ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ବିଏମସିକୁ ଚିଠି

**ଭୁବନେଶ୍ୱର,୧୬।୧ (ମହାଭାରତ):** ସହଦେବ ନାୟକ ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସର ଯୋଜନା କରିଛି। ହତ୍ୟା ଅଭିଯୁକ୍ତଙ୍କ ଘର ଭାଙ୍ଗିବ କମିଶନରେଟ ପୋଲିସ। ଘର ଭାଙ୍ଗିବାକୁ ବିଏମସିକୁ ଚିଠି ଲେଖିଛି କମିଶନରେଟ ପୋଲିସ। ସରକାରୀ ଜାଗାରେ ଘର କରି ଅପରାଧ ଘଟାଉଥିବାରୁ ଏଭଳି ନିଷ୍ପତ୍ତି ନେଇଛି ପୋଲିସ। ଗତ ୮ ତାରିଖରେ ରସୁଲଗଡ଼ ଓଭରବ୍ରିଜ୍ ଉପରେ ସହଦେବଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିଲା। ରସୁଲଗଡ଼ କେଦାରପଲ୍ଲୀ ବସ୍ତିର ସହଦେବ ଏକ ନାଲି ରଙ୍ଗର ଜୁପିଟର ସ୍କୁଟି ଯୋଗେ ଭିଏସ୍ଏସ୍ ନଗରରୁ ରସୁଲଗଡ଼ ପଟକୁ ଆସୁଥିଲେ। ଏହି ସମୟରେ କିଛି ଯୁବକ ଦୁଇଟି ବାଇକରେ ତାଙ୍କୁ ପିଛା କରିଥିଲେ। ପିଛା କରି ଜାତୀୟ ରାଜପଥର ବାଣୀବିହାର ଓଭରବ୍ରିଜ ଉପରେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ଏହି ହତ୍ୟାକାଣ୍ଡ ଘଟାଇବା ପରେ ଦୁର୍ବୃତ୍ତମାନେ ବାଇକ୍ ଯୋଗେ ଘଟଣା ସ୍ଥଳରୁ ଫେରାର ହୋଇଥିଲେ। ହତ୍ୟା ଘଟଣାର ତଦନ୍ତ ପାଇଁ ପୋଲିସ ୩ ଟି ଟିମ ଗଠନ କରିଥିଲା। ଏହି ଘଟଣାରେ ମୋଟ ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଅଭିଯୁକ୍ତ ଲିପିକା ନାୟକ ବ୍ରାଉନସୁଗାର ମାମଲାରେ ପୂର୍ବରୁ ଜେଲ ଯାଇଥିଲା। ୫ ତାରିଖରେ ଜେଲରୁ ଲିପିକା ଫେରିଥିଲା। ଜେଲରେ ଫେରିବା ପରେ ଯୋଜନାବଦ୍ଧ ଭାବେ ସହଦେବଙ୍କୁ ହତ୍ୟା କରିଥିଲେ। କମିସନରେଟ ପୋଲିସ ସହିତ ସ୍ପେଶାଲ ସ୍କ୍ୱାର୍ଡ ଅଭିଯୁକ୍ତ ରବି ନାୟକ , ଲକ୍ଷ୍ମୀଧର ନାୟକ ଓ ଲିପିକା ନାୟକକୁ ନେଇ ସିନ ରିକ୍ରୀଏସନ କରିଥିଲା।

# ଆଦିବାସୀ ମେଳା ଉଦଯାପିତ, ୯ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ

**ଭୁବନେଶ୍ୱର,୧୬।୧ (ମହାଭାରତ):** ଉଦଯାପିତ ହେଲା ରାଜ୍ୟସ୍ତରୀୟ ଆଦିବାସୀ ମେଳା । ଭୁବେନଶ୍ୱରର ୟୁନିଟ-୩ ଆଦିବାସୀ ପଡ଼ିଆଠାରେ ଗତ ୧୨ ଦିନବ୍ୟାପୀ ଚାଲିଥିବା ମେଳା ସଫଳତାର ସହ ଶେଷ ହୋଇଛି । ଏହି ୧୨ ଦିନ ମଧ୍ୟରେ ସାଢେ ୯ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ବେଳେ ପ୍ରାୟତଃ ୧୦ ଲକ୍ଷରୁ ଅଧିକ ଜନସମାଗମ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ଦୁଇ ଗୁଣା ଥିଲା । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମେଳାର ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି । ଉଦଯାପନୀ ସମାରୋହରରେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀଶଙ୍କର ମାଝୀ, କୋଟପାଡ଼ ବିଧାୟକ ଶ୍ରୀ ରୁପୁ ଭଦ୍ରା ଉପସ୍ଥିତ ଥିବା ବେଳେ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମିଶ୍ର, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଅନୁସୂଚିତ ଜାତି କଲ୍ୟାଣ ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମଣ କୁମାର ମଲ୍ଲିକ ମଂଚାସୀନ ଥିଲେ ।

ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଚଳିତ ବର୍ଷର ଆଦିବାସୀ ମେଳା ଆମ ପାଇଁ ଥିଲା ସ୍ୱତନ୍ତ୍ର । ପ୍ରବାସୀ ଭାରତୀୟ ଦିବସ ଆମେ ପାଳନ କରିଛୁ, ପ୍ରଥମ ଥର ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ପହଂଚାଇବାରେ ସଫଳତା ପାଇଛୁ । ସେ ଏହା ମଧ୍ୟ କହିଛନ୍ତି, ମୁଖ୍ୟଧାରାର ବିକାଶରେ ଆଦିବାସୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବ । ରାଜ୍ୟ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିବା ସହିତ, ଆଦିବାସୀଙ୍କ ସାମୂହିକ ଆକାଂକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ସ୍ୱାର୍ଥ ପ୍ରତି ଯତ୍ନବାନ ହେଉଛନ୍ତି । ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ସହିତ, ଆଦିବାସୀଙ୍କ ମଧ୍ୟରେ ଅଧିକ ସଚେତନତା ବୃଦ୍ଧି ପାଉଛି । ସେହିପରି ନବରଙ୍ଗପୁର ବିଧାୟକ ଆଦିବାସୀ ମେଳା ଆୟୋଜନର ଭୁରି ଭୁରି ପ୍ରଶଂସା କରିଥିବା ବେଳେ କୋଟପାଡ଼ ବିଧାୟକ ଓଡ଼ିଶା ମାଟିକୁ ଆଦିବାସୀ ପ୍ରଦେଶର ମାଟି ବୋଲି ବର୍ଣ୍ଣନା କରିଛନ୍ତି ।




ଉଦଯାପନୀ ସନ୍ଧ୍ୟାରେ ଜର୍ଣ୍ଣାଲ 'ଆଦିବାସୀ: ୬୪ତମ ଖଣ୍ଡ' ଉନ୍ମୋଚିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ବାର୍ଷିକ ରିପୋର୍ଟକୁ ମୁଖ୍ୟ ଅତିଥି ଅନାବରଣ କରିଛନ୍ତି । ୬ ଜଣ ସଫଳ ଜନଜାତି ଚାଷୀ, ୬ ଜଣ କ୍ଷୁଦ୍ର ଉଦ୍ୟୋଗୀ ଓ ଜଣେ ଜନଜାତି କଳାକାରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୩ ଟି ଶ୍ରେଷ୍ଠ କୁଡ଼ିଆ ଓ ୩ ଜଣ ଜନଜାତି ବ୍ୟବସାୟୀଙ୍କୁ ପୁରସ୍କୃତ କରାଯାଇଛି ।

ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ ଭୁବନେଶ୍ୱର ଦ୍ୱାରା ଆଦିବାସୀ ମେଳା ଅନୁଷ୍ଠିତ ହୋଇଥିଲା । ଆଦିବାସୀ ଗାଁ, ଆଦିବାସୀ ହାଟ, ଆଦିବାସୀ କଳା ଏବଂ କଳାବସ୍ତୁ ପ୍ରସ୍ତୁତି ପ୍ରଦର୍ଶନୀ, ଭଗବାନ ବିର୍ସା ମୁଣ୍ଡା ଗ୍ୟାଲେରୀ, ଖାଦ୍ୟ ପ୍ରାଙ୍ଗଣର ଆୟୋଜନ କରାଯାଇଥିଲା । ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜୟନ୍ତୀ ପାଳନ ଅବସରରେ ଚଳିତବର୍ଷ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍ ନିର୍ମିତ ହୋଇଥିଲା । ଏଥିରେ ଭାରତ ଓ ଓଡ଼ିଶାର ପ୍ରମୁଖ ଜନଜାତି ସ୍ୱାଧୀନତା ସଂଗ୍ରାମୀ, ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନଯାତ୍ରା ସମ୍ପର୍କିତ ବୃତ୍ତିଚିତ୍ର ଓ ଚିତ୍ରକଳା ଏବଂ ଜନଜାତି ଜୀବନ ଓ ସଂସ୍କୃତି ସମ୍ବନ୍ଧିତ ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଡ୍ରୋନ୍ ଶୋ, ଲେଜର୍ ଶୋ, ଫାୟାର୍ ଶୋ, ଜନଜାତି ଫ୍ୟାସନ୍ ଶୋ, ପ୍ରୋଜେକ୍ସନ ମ୍ୟାପିଂ, ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ ର ଆୟୋଜନ କରାଯାଇଥିଲା । ପ୍ରଥମ ଥର ରାଜ୍ୟ ବାହାରର ଜନଜାତି ବିକ୍ରେତା ଓ ଜନଜାତି ନୃତ୍ୟ ଦଳଙ୍କୁ ମେଳାରେ ଭାଗନେବା ପାଇଁ ସୁଯୋଗ ଦିଆଯାଇଥିଲା ।

# ଡିଡିୟୁ-ଜିକେୱାଇ-୨.୦ର ଦୁଇଦିନିଆ ଆଞ୍ଚଳିକ କର୍ମଶାଳା

**ଭୁବନେଶ୍ୱର,୧୬।୧ (ମହାଭାରତ):** ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରି ସେମାନଙ୍କୁ ରୋଜଗାରକ୍ଷମ କରାଇବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ସାମଗ୍ରିକ ପ୍ରୟାସ କରାଯାଉଛି। ଏହି କ୍ରମରେ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ଯୋଜନା ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା (ଡିଡିୟୁ-ଜିକେୱାଇ) -୨.୦ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭୁବନେଶ୍ୱରଠାରେ ଦୁଇଦିନିଆ ଆଞ୍ଚଳିକ କର୍ମଶାଳାର ଆୟୋଜନ କରାଯାଇଥିଲା। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା (ଡିଡିୟୁ-ଜିକେୱାଇ) -୨.୦ ଓ ଆରଏମ୍‌ଡିଟିଜେ କାର୍ଯ୍ୟକାରୀ ସମ୍ବନ୍ଧୀୟ ଦୁଇଦିନିଆ କର୍ମଶାଳା ଭୁବନେଶ୍ୱରସ୍ଥିତ ଲାଇଫ୍ ହୋଟେଲଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ କରକମଳରେ ଉଦଘାଟିତ ହୋଇଛି। ଏହି କର୍ମଶାଳାରେ ଯୋଗ ଦେଇଥିବା ଏଗାରଟି ରାଜ୍ୟର ଅଧିକାରୀ ଓ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ମାନ୍ୟବର ମନ୍ତ୍ରୀ ଗ୍ରାମୀଣ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ବିଷୟରେ ଦିଗଦର୍ଶନ ଦେଇଛନ୍ତି।




କର୍ମଶାଳାର ଉଦଘାଟନୀ ଉତ୍ସବରେ ମନ୍ତ୍ରୀ ଶ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ଯୋଜନାର ସଫଳତା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ନିଷ୍ଠା ଏବଂ ତତ୍ପରତା ଦେଖାଇବାକୁ ପଡ଼ିବ। ଫଳରେ ପ୍ରକୃତ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇ ପାରିବେ ଏବଂ ଆମ ରାଜ୍ୟର ଅଧିକରୁ ଅଧିକ ଗ୍ରାମୀଣ ଯୁବବର୍ଗଙ୍କୁ ଆମେ ରୋଜଗାରକ୍ଷମ କରିବା ସହ ଗ୍ରାମୀଣ ଓଡ଼ିଶାର ସାମାଜିକ ଏବଂ ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିପାରିବା, ଯାହା କି ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଏକ ସଫଳ ରୂପାୟନ ହୋଇପାରିବ। ଏହା ସହ ଆଞ୍ଚଳିକ ଉତ୍ପାଦଭିତ୍ତିକ ଦକ୍ଷତା ବିକାଶ ଓ ଆତ୍ମନିଯୁକ୍ତି ସହ ତୃଣମୂଳସ୍ତର ପର୍ଯ୍ୟନ୍ତ ଯୋଜନାର ସଫଳ ରୂପାୟନ ଜରୁରୀ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ନାଏକ ମତପ୍ରକାଶ କରିଥିଲେ। ଏହି କର୍ମଶାଳାରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟର ଯୁଗ୍ମ ସଚିବ ପଙ୍କଜ ଯାଦବ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର କମିଶନର ତଥା ସଚିବ ଗିରିଶ ଏସ୍.ଏନ୍, ଦକ୍ଷତା ବିକାଶ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ସନ୍ତୋଷ କୁମାର ତିୱାରୀ, ଓର୍ମାସ୍ର ଅତିରିକ୍ତ ସି.ଇ.ଓ ଚକ୍ରବର୍ତ୍ତୀ ସିଂହ ରାଠୋର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ, ସଫଳ ରୂପାୟନ ଏବଂ ସମସ୍ୟା ଆଦିର ସମାଧାନ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଓରମାସର ସି.ଇ.ଓ ଶ୍ରୀମତୀ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ରଖିଥିଲେ। ଅନ୍ତିମ ପର୍ଯ୍ୟାୟରେ ଓରମାସର ଅତିରିକ୍ତ ସିଇଓ ସୁବାସ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଭଙ୍ଗାଯିବ ବୈକୁଣ୍ଠଧାମ ଆଶ୍ରମ

**ଭୁବନେଶ୍ୱର,୧୬।୧ (ମହାଭାରତ):** ଆସନ୍ତାକାଲି ଭଙ୍ଗାହେବ ବିବାଦୀୟ ବୈକୁଣ୍ଠଧାମ ଆଶ୍ରମ। ଅନେକ ଦିନର ଯାଞ୍ଚ ମାଲିମକଦ୍ଦମା ପରେ ଖଣ୍ଡଗିରି ସ୍ଥିତ ବୈକୁଣ୍ଠଧାମ ଆଶ୍ରମ ଭାଙ୍ଗିବାକୁ ଘୋଷଣା ହୋଇଛି। ଆସନ୍ତା କାଲି ଦିନ ୧୨ ଟା ସୁଦ୍ଧା ଆଶ୍ରମରୁ ଜିନିଷପତ୍ର ଖାଲି କରିବାକୁ ବିଡିଏ ଘୋଷଣା କରିଛି। ଆଶ୍ରମ ଭାଙ୍ଗିବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର କରିଛି ବିଡିଏ।

ସରକାରୀ ଜମି ଜବର ଦଖଲ କରି ବୈକୁଣ୍ଠଧାମ ତିଆରି ହୋଇଥିବା ବିଡ଼ିଏ ପକ୍ଷରୁ କୁହାଯାଇଛି। ଯଥାଶୀଘ୍ର ସେହି ଜମି ଖାଲି କରିବାକୁ ବିଡ଼ିଏ କହିଛି। ଏହାପରେ ବିଡ଼ିଏ ବୁଲଡୋଜର ଆଶ୍ରମରେ ଚଳିବ। ଜବର ଦଖଲ ହଟାଯିବା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ପ୍ରଶାସନ ଅବା ବିଡ଼ିଏ ଦାୟୀ ରହିବେ ନାହିଁ ବୋଲି ଘୋଷଣା କରାଯାଇଛି। ଆସନ୍ତାକାଲି ମଧ୍ୟାହ୍ନ ୧୨ଟା ସୁଦ୍ଧା ଜବର ଦଖଲ ହଟାଇବାକୁ ଲକ୍ଷ୍ୟ ରଖାଯାଇଥିବା ବିଡ଼ିଏ ପକ୍ଷରୁ ସୂଚନା ଜାରି ହୋଇଛି। ଆଶ୍ରମ ଖାଲି କରାଯିବା ପରେ ବିଡ଼ିଏ ଏହି ଆଶ୍ରମକୁ ଭାଙ୍ଗିବ।

ହାଇକୋର୍ଟଙ୍କ ସମ୍ମୁଖରେ ମିଥ୍ୟା ସତ୍ୟପାଠ କରି ଆଶ୍ରମ କର୍ତ୍ତୃପକ୍ଷ ବିଭ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି। ତେଣୁ ହାଇକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ରହିତାଦେଶକୁ ହଟାଇ ଦିଆଯାଇଥିଲା। ଆଜି ବୈକୁଣ୍ଠ ଧାନ ଆଶ୍ରମ ଭାଙ୍ଗିବା ପାଇଁ ବିଡିଏ ନିର୍ଦ୍ଦେଶ ଦେଇଛି।

୨୦୨୫ ଜାନୁଆରି ୧୦ ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଜବର ଦଖଲ ହଟାଇବା ନେଇ ବିଡ଼ିଏ ଉପରେ ଲାଗୁ ହୋଇଥିବା ରହିତାଦେଶକୁ ହଟାଇ ଦେଇଥିଲେ। ଏହା ପରେ ଏବେ ବିଡ଼ିଏ ପକ୍ଷରୁ ଜବର ଦଖଲ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

୨୦୨୪ ନଭେମ୍ବର ୧୮ ତାରିଖରେ ସାଧାରଣ ପ୍ରଶାସନ, ବିଡ଼ିଏ ଓ ଭୁବନେଶ୍ୱର ତହସିଲର ମିଳିତ ଟିମ୍ ଶ୍ରୀ ବୈକୁଣ୍ଠଧାମ ଆଶ୍ରମରେ ୨ ଘଣ୍ଟା ଧରି ମାପଚୁପ କରିଥିଲା। ୮ କୋଟି ଟଙ୍କା ମୂଲ୍ୟର ସରକାରୀ ଜମିରେ ବେଆଇନ ମଣ୍ଡପ, କୋଠା ଆଉ ରୋଷଶାଳା ନିର୍ମାଣ ହୋଇଥିବା ଜଣାପଡ଼ିଥିଲା।

୨୦୨୪ ନଭେମ୍ବର ୨୧ ଅପରାହ୍ନରେ ବିଡିଏ କାର୍ଯ୍ୟାଳୟରେ ଆୟୋଜିତ ଉଚ୍ଚସ୍ତରୀୟ କମିଟି ବୈଠକରେ ସାଧାରଣ ପ୍ରଶାସନ ବିଭାଗ, ଭୁବନେଶ୍ୱର ମହାନଗର ନିଗମର ଅଧିକାରୀ, ଜୋନାଲ କମିସନର, ପୁଲିସ ଅଧିକାରୀ ଆଶ୍ରମ ଭାଙ୍ଗିବା ନେଇ ଆଲୋଚନା କରିଥିଲେ।

# ଜିଲ୍ଲାସ୍ତରୀୟ ବର୍ଦ୍ଧିତ ଭତ୍ତା ବଣ୍ଟନ

**ଭୁବନେଶ୍ୱର,୧୬।୧ (ମହାଭାରତ):** ଖୋର୍ଦ୍ଧା ,ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ, ଓଡିଶା ସରକାର ଆନୁକୁଲ୍ୟରେ ବି ଜେ ବି ଉଚ୍ଚ ବିଦ୍ୟାଳୟର ପରିସରରେ ଜନ ସେବା ଦିବସ ପାଳନ କରାଯାଇଛି । ଏହି ଅବସରରେ ୮୦ ବର୍ଷରୁ ଉର୍ଦ୍ଧ ବୃଦ୍ଧ ବୃଦ୍ଧା ଏବଂ ୮୦ ଶତକଡାରୁ ଉର୍ଦ୍ଧ



ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ବଂଟନ କରାଯାଇଛି । ଏହି ସମାରୋହରେ ଜିଲ୍ଲା ସଦର ମହକୁମା ନିକଟସ୍ଥ ଖୋର୍ଦ୍ଧା ବ୍ଲକ ଏବଂ ଖୋର୍ଦ୍ଧା ପୌରପାଳିକା ଅଂଚଳର ୩୦୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ କରକମଳରେ ଭତ୍ତା ବିତରଣ କରାଯାଇଛି । ଉକ୍ତ ସମାରୋହରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବେ ସମାରୋହକୁ ସମ୍ବର୍ଦ୍ଧିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେଉରା ଉକ୍ତ ସଭାକୁ ପରିଚାଳନା କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଖୋର୍ଦ୍ଧା ପ୍ରାରମ୍ଭିକ ଅଭିଭାଷଣ ବ୍ୟକ୍ତ କରିଥିଲେ । ରାଜ୍ୟ ସ୍ତରର ପ୍ରଥମ ବର୍ଦ୍ଧିତ ଭତ୍ତା ବଂଟନ ଉଦଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଭିଭାଷଣ ସର୍ବସାଧାରଣଙ୍କୁ ସଂଯୋଗ କରିବା ନିମନ୍ତେ ସିଧାସଳଖ ପ୍ରସାରଣ କରାଯାଇଥିଲା । ରାଜ୍ୟ ସ୍ତରରେ ସର୍ବମୋଟ ୪୧୭୪୯୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଦ୍ଧିତ ମାସିକ ଭତ୍ତା ୩୫୦୦ ଟଙ୍କା ମଞ୍ଜୁର କରାଯାଇଥିବା ସ୍ଥଳେ ଖୋର୍ଦ୍ଧା ଜିଲ୍ଲା ସ୍ଥଳେ ୧୯୧୦୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମଞ୍ଜୁର କରାଯାଇ ଜନସେବା ଦିବସରେ ସମସ୍ତ ଗ୍ରାମ ପଂଚାୟତରେ ବର୍ଦ୍ଧିତ ଭତ୍ତା କରାଯାଇଛି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ହିତାଧିକାରୀଙ୍କର ମନୋରଞ୍ଜନ କରଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଖୋର୍ଦ୍ଧା, ସିଡ଼ିଏମ ତଥା ପିଏଚଓ ଖୋର୍ଦ୍ଧା , ଡ଼ିପିଓ ଖୋର୍ଦ୍ଧା , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଖୋର୍ଦ୍ଧା, ଦିଲୀପ କୁମାର ହୋତା ଏମପି, ଭୁବନେଶ୍ୱର ପ୍ରତିନିଧି ଏବଂ ଖୋର୍ଦ୍ଧା ବ୍ଲକ ଅଧକ୍ଷା ମଂଚାସୀନ ଥିଲେ।

# ୨୦ ତାରିଖରେ ଯୁବ କଂଗ୍ରେସର ଜନଅସନ୍ତୋଷ ସମାବେଶ

**ଭୁବନେଶ୍ୱର,୧୬।୧ (ମହାଭାରତ):** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଶ୍ରୀ ରଞ୍ଜିତ ପାତ୍ର କହିଲେ ଯେ, ଓଡ଼ିଶାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ମୋହନ ସରକାର କ୍ଷମତାକୁ ଆସିଲେ ତାହାକୁ ପୁରଣ କରିବାରେ ବ୍ୟର୍ଥ ହୋଇପଡ଼ିଛନ୍ତି । ୭ ମାସର ମୋହନ ସରକାର ଏକ ଜନବିରୋଧ ସରକାର ଭାବେ ପ୍ରମାଣିତ ହୋଇଛି। ଗତ ୭ ମାସରେ ମୋହନ ସରକାରରେ ଉପୁଜିଥିବା ମୁଖ୍ୟ ୮ଟି ପ୍ରସଙ୍ଗକୁ ନେଇ ଆସନ୍ତା ଜାନୁୟାରୀ ୨୦ ତାରିଖରେ ମାଷ୍ଟରକ୍ୟାଟିନ ଛକରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ହେବ । ଯାହାର ନାମ ଯୁବ ଅସନ୍ତୋଷ ସମାବେଶ ରଖାଯାଇଛି । ବିକ୍ଷୋଭ ପରେ ଯୁବ କଂଗ୍ରେସ କର୍ମୀମାନେ ଅପର ପି.ଏମ୍.ଜି ଠାରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଘେରାଉ କରିବେ । ଏହି ସମାବେଶର ମୁଖ୍ୟ ୮ଟି ଦାବୀ ହେଲା: (୧) ବିପର୍ଯ୍ୟସ୍ତ ଆଇନ୍? ଶୃଙ୍ଖଳାର ସୁଧାର, (୨) ଦଳିତ, ଆଦିବାସୀ, ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ଉପରେ ଅତ୍ୟାଚାର ବନ୍ଦ, (୩) ଖଣି ଖାଦନ ଲୁଟ୍ ବନ୍ଦ, (୪) ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ ମାଗଣା ବିଜୁଳି ଯୋଗାଣ, (୫) ମହଙ୍ଗା ମାଡରୁ ନିସ୍ତାର, (୬) ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ, (୭) ଉତ୍କଟ ବେକାରୀ ସମସ୍ୟା ନିୟନ୍ତ୍ରଣ, (୮) ଦୁର୍ନୀତି ଓ କଳା ତାଲିକା ଭୁକ୍ତ କମ୍ପାନୀକୁ ପ୍ରୋତ୍ସାହନ ବନ୍ଦ । ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀ ଉଦୟଭାନୁ ଚିବ୍ ଏହି ଆନ୍ଦୋଳନରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।




ଏହି ସାମ୍ବାଦିକ ସମ୍ମଳନୀରେ ଅଖିଳ ଭାରତ ଯୁବ କଂଗ୍ରେସର ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଅଜିତ୍ ସିଂ ଯୋଗଦେଇ କହିଲେ ଯେ, ମୋହନ ସରକାର ଏକ ଜନବିରୋଧ ସରକାର। ମୁଖ୍ୟମନ୍ତ୍ରୀ ଗୃହବିଭାଗ ଚଳାଇବାରେ ବିଫଳ । ବିଜେପିର ନିର୍ବାଚନ ପ୍ରତିଶ୍ରୁତି ପାଳନ ହେଉନାହିଁ। ସୁତରାଂ ଓଡ଼ିଶାବାସୀଙ୍କୁ ମିଛ କଥା କହି ବିଜେପି ଓଡ଼ିଶାରେ କ୍ଷମତାସୀନ ହୋଇଛି। ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଲେ ଯେ ମାତ୍ର ୭ ମାସର ମୋହନ ଶାସନ ଉପରୁ ଲୋକଙ୍କର ଭରସା ତୁଟି ଗଲାଣି। ଓଡ଼ିଶାରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ପୂର୍ବତନ ରାଜ୍ୟପାଳ ରଘୁବର ଦାସ ଙ୍କ ପୁଅ ଜଣେ ଓଡ଼ିଆ ଅଫିସଙ୍କୁ ଅନ୍ୟାୟ ଭାବେ ମରଣାନ୍ତକ ଆକ୍ରମଣି କରି ଦଣ୍ଡିତ ହେଲା ନାହିଁ । ଭରତପୁର ଥାନାରେ ଜଣେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯ୍ୟାତନା, ଭୁବନେଶ୍ୱରରେ ଡ୍ରଗ୍ ?ସ୍ ମାଫିଆଙ୍କୁ ବିରୋଧ କରୁଥିବା ସହଦେବ ନାୟକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା, ଗଞ୍ଜାମ ମଦମୃତ୍ୟୁ ଘଟଣା, ନବରଙ୍ଗପୁର, ସୁନ୍ଦରଗଡ଼, ରାଉରକେଲା ଏବଂ ଅନ୍ୟାନ୍ୟ ସ୍ଥାନରେ ମହିଳାଙ୍କୁ ଗଣବଳତ୍କାର ଓ ହତ୍ୟା ଘଟଣା, ଯାଜପୁରରେ ଡବଲ ମର୍ଡର ଘଟଣା ବିପର୍ଯ୍ୟନ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରମାଣିତ କରୁଛି। ସେହିପରି ବାଲେଶ୍ୱରରେ ଆଦିବାସୀ ଖ୍ରୀଷ୍ଟିଆନ ମହିଳା ମାନଙ୍କୁ ଗୈରିକ ସଂଗଠନ ଦ୍ୱାରା ଅତ୍ୟାଚାର, ଗଜପତି, ରାୟଗଡ଼ା ଜିଲ୍ଲା, ବାଲେଶ୍ୱର ଜିଲ୍ଲାର ରେମୁଣା ଓ ଔପଦା, ସୋର ଓ ଯାଜପୁର ଜିଲ୍ଲାର ସଂଖ୍ୟା ଲଘୁଙ୍କ ଉପରେ ଗୈରିକ ସଂଗଠନର ଅତ୍ୟାଚାର ଚାଲିଥିବାବେଳେ ସରକାର ଚୁପ୍ ବସିଛନ୍ତି।

## କଂଗ୍ରେସ ପାଟି ଖୋଲୁନି

ଯଦି କୌଣସି ରାଜ୍ୟରେ କଂଗ୍ରେସ ପରିବର୍ତ୍ତନ ହାୱାରେ ନିର୍ବାଚିତ ହେଉଛି ତେବେ ମାତ୍ର ଗୋଟିଏ ଟର୍ମ ପରେ ପୁଣି ୧୦/୧୫ ବର୍ଷ ପାଇଁ ବିଦା ହେଉଛି। ଆଉ ଲୋକସଭା ନିର୍ବାଚନରେ ଦଳ ଯେଉଁସବୁ ରାଜ୍ୟରେ ସରକାରରେ ଅଛି, ସେଠାରେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ମାତ୍ର ୫ ମାସ ତଳେ ଅନୁଷ୍ଠିତ ଡୋକସଭା ନିର୍ବାଚନରେ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ହରିୟନା ଓ ମହାରାଷ୍ଟ୍ରରେ ଅଧିକ ଆସନ ପାଇଥିଲେ। କିନ୍ତୁ ମାତ୍ର ୫ ମାସ ପରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ କଂଗ୍ରେସ ଉଭୟ ରାଜ୍ୟରେ ଶୋଚନୀୟ ଭାବେ ପରାଜିତ ହୋଇଛି। ଉଭୟ ରାଜ୍ୟରେ ବିଜେପି କ୍ଷମତା ବଜାୟ ରଖିଛି। ଉଭୟ ରାଜ୍ୟରେ ବିଭଗଜତ ୧୦ ବର୍ଷ ହେବ ବିଜେପି କ୍ରମାଗତ ଭାବେ ନିର୍ବାଚନୀ ସଫଳତା ପାଇ ଆସୁଛି। କଂଗ୍ରେସ ଧିରେ ଧିରେ ନିଜ ଅସ୍ତିତ୍ୱ ହରାଉଛି। ଏହାର କାରଣ ହେଲା କଂଗ୍ରେସର ନେତାଙ୍କୁ ଲୋକେ ଗ୍ରହଣ କରୁ ନାହାଁନ୍ତି। ରାହୁଲଙ୍କୁ ଲୋକେ ଜୋକର ବୋଲି ଭାବୁଛନ୍ତି। ଆଉ ଦଳରେ କେହି ଦ୍ୱିତୀୟ ନେତା ନାହାଁନ୍ତି। ରାହୁଲ ଓ ପ୍ରିୟଙ୍କାଙ୍କୁ ବାଦ ଦେଲେ ବାକି ସମସ୍ତେ କର୍ମୀ। ଲୋକେ କାହାକୁ ଭୋଟ ଦେବେ ? କଂଗ୍ରେସ ଉପରେ ଭରସା କରି ଅନ୍ୟ ବିରୋଧୀ ଦଳମାନେ ଏହାର ନେତୃତ୍ୱରେ ଏକାଠି ହୋଇଥିଲେ ଏବଂ ରାହୁଲଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିଲା। କିନ୍ତୁ ଏହାକୁ ଲୋକେ ଅଗ୍ରାହ୍ୟ କଲେ। ଲୋକେ ରାହୁଲ ଗାନ୍ଧିଙ୍କୁ ଜଣେ ରାଷ୍ଟ୍ରୀୟ ସ୍ତରର ନେତା ବୋଲି ବିଚାର କରୁ ନାହାଁନ୍ତି। ତେଣୁ ଏବେ ଇଣ୍ଡିମେଣ୍ଟରେ ନେତୃତ୍ୱ ପରିବର୍ତ୍ତନ ସମ୍ଭାବନା ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ହରିୟାନା ଓ ମହାରାଷ୍ଟ୍ରରେ ଭଲ ସ୍ଥିତିରେ ଥାଇ କଂଗ୍ରେସ ଜିତି ପାରିଲା ନାହିଁ, ତେଣୁ ଏହା ଆଉ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ସେ ବିଶ୍ୱାସ ବନ୍ଧୁ ଦଳମାନଙ୍କର ମଧ୍ୟ ନାହିଁ। ଏବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଣ୍ଡିମେଣ୍ଟର ନେତୃତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି ଏବଂ ଏହା ଅଧିକ ଅଧିକ ସକ୍ରିୟ ହେବା ଉଚିତ ବୋଲି କହିଛନ୍ତି। ଏହାକୁ ସମାଜବାଦୀ ପାର୍ଟୀ ଏବଂ ଏନସିପି ସମର୍ଥନ କରିଛନ୍ତି। ମମତାଙ୍କ ପ୍ରସ୍ତାବ ଦାନା ବାନ୍ଧିବାକୁ କିଛି ଦିନ ଲାଗିବ। ହୁଏତ ୨୦୨୫ ଶେଷ ସୁଦ୍ଧା କିଛି ବଡ଼ ପରିବର୍ତ୍ତନ ହୋଇପାରେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଜାତୀୟ ରାଜନୀତିରେ ଏହାକୁ ନେଇ ବିତର୍କ ଚାଲିଛି। ଏହି ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମହାୟୁତି ବିପୁଳ ବିଜୟ ହାସଲ କରି କ୍ଷମତା ଦଖଲ କରିଥିବା ବେଳେ କଂଗ୍ରେସ ନେତୃତ୍ୱାଧିନ ମହାବିକାଶ ଅଘାଡ଼ି (ଏମଭିଏ) ଲୋକଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାତ ହୋଇଛି। ଏଥିରେ ବିଜେପି ଉଲ୍ଲସିତ ହୋଇଥିବା ବେଳେ ବିରୋଧୀ ମେଣ୍ଟ ନୈରାଶ୍ୟରେ ଡୁବି ଯାଇଛି। କାରଣ ମହାରାଷ୍ଟ୍ରରେ ଏଥର କ୍ଷମତାକୁ ପ୍ରତ୍ୟାବର୍ତ୍ତନ ପାଇଁ କଂଗ୍ରେସ ଦୃଢ଼ ଆଶା ବାନ୍ଧିଥିଲା। ଲୋକସଭା ନିର୍ବାଚନରେ ଏହା ଭଲ ପ୍ରଦର୍ଶନ କରିଥିଲା। କିନ୍ତୁ ହରିୟାନା ଭଳି ମହାରାଷ୍ଟ୍ରରେ ମଧ୍ୟ ଜନମତ ମାତ୍ର ୫ ମାସରେ ଓଲଟିଗଲା। ଏଥିରେ କଂଗ୍ରେସ ହତବାକ ହୋଇଯାଇଛି। ଏତେ ଶୋଚନୀୟ ଭାବେ କଂଗ୍ରେସ ମହାରାଷ୍ଟ୍ରରେ ହାରିବ ବୋଲି କେବେ ଆଶା କରିନଥିଲା। ୧୦ ବର୍ଷ ପରେ ଲୋକେ ବିଜେପିକୁ ନିଶ୍ଚିତ ପ୍ରତ୍ୟାଖ୍ୟାତ କରିବେ ଏବଂ ଏକମାତ୍ର ବିକଳ୍ପ ଭାବେ କଂଗ୍ରେସ ରାଜ୍ୟରେ ସୁନିଶ୍ଚିତ ବିଜୟ ହାସଲ କରିବ ବୋଲି ଭାବି ନେଇଥିଲା। ଏବେ ପରାଜୟ ପରେ କଂଗ୍ରେସ ଇଭିଏମ ଟାମ୍ପରିଂ ଅଭିଯୋଗ କରୁଛି। ଇଭିଏମ ଟାମ୍ପରିଂ କରି ବିଜେପି ଜିତିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କିନ୍ତୁ ଝାଡ଼ଖଣ୍ଡରେ ଇଣ୍ଡିମେଣ୍ଟ ବିଜୟ ହାସଲ କରିଥିବା ବେଳେ ସେଠାରେ ଇଭିଏମ ବିରୋଧରେ କଂଗ୍ରେସ ପାଟି ଖୋଲୁନି। ଏହା କଂଗ୍ରେସର ଦୋମୁହାଁ ନୀତିକୁ ପ୍ରମାଣିତ କରୁଛି।

# ମାନବବାଦ ଓ ବିଶ୍ୱମୈତ୍ରୀର ଠାକୁର

॥ ମୀରା ବେଉରା ॥

*ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ।*

ସଂସ୍କୃତି ଗୋଟିଏ ଜାତିର ପରିଚୟ ଦେଇଥାଏ। ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ହେଉଛି ସଂସ୍କୃତି। ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କୁ ବାଦ ଦେଲେ କୌଣସି ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଧର୍ମବିଶ୍ୱାସ, ପ୍ରଜ୍ଞା, ଭିକ୍ଷା, ଜ୍ଞାନ, ଦୀକ୍ଷା, କୃଷି, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ପରମ୍ପରା ଆଦି ଓଡ଼ିଆ ଜାତିର କୌଣସି ପରିଚୟର କଳ୍ପନା କରାଯାଇପାରେନା। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଭାଷା, ଧନୀ, ନିର୍ଦ୍ଧନ ଏସବୁ ଚିନ୍ତନର ବହୁ ଉର୍ଦ୍ଧ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥ। ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ ମୂଲ୍ୟବୋଧ, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ବିକାଶଧାରା ହିଁ ଅଟେ ଓଡ଼ିଶାର ସଂସ୍କୃତି। ପ୍ରଭୁ ଜଗନ୍ନାଥ ସମଗ୍ର ମାନବଜାତିର ପ୍ରାଣର ଅଧିଶ୍ୱର ଠାକୁର। ସେ ମୁକ୍ତି, ସାମ୍ୟ, ମୈତ୍ରୀ ପ୍ରୀତିର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ଏହି ରଥଯାତ୍ରା ଐତିହ୍ୟରେ ଶୀର୍ଷସ୍ଥାନ ଅଧିକାର କରି ବିଶ୍ୱ ସଂସ୍କୃତିକୁ ସେ ଦିନ ସ୍ପନ୍ଦିତ କରୁଥିଲା ଆଜିବି କରୁଛି। ଆଗାମୀ ଦିନରେ ମଧ୍ୟ କରିବ। ଏହି ଯାତ୍ରା ବିଶ୍ୱାତ୍ମା ଚେତନା ସୃଷ୍ଟି କରେ "ବସୁଧୈବ କୁଟୁମ୍ବକମ୍"ର ଚେତନାରେ ସମଗ୍ର ମାନବ ସମାଜକୁ ଦ୍ରବୀଭୂତ କରେ ଘୋଷଯାତ୍ରା। ତାଙ୍କର ଲୀଳା ଅବର୍ଣ୍ଣନୀୟ। କୌଣସି ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଭିତରେ ସେ ସୀମିତ ନୁହେଁ। ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ୍, ଈଶାଇ, ବୈଷ୍ଣବ, ଶାକ୍ତ, ଯୋଗୀ ସର୍ବିଙ୍କର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଉଠିଯାଇ ସେ ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି, ସଂଘତି, ସଂପ୍ରତିର ପ୍ରତୀକ ସାଜି ସମଗ୍ର ବିଶ୍ୱରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଭାତୃତ୍ୱର ଭାବ ବଜାୟ ରଖିଛନ୍ତି। ଏ ଜଗନ୍ନାଥ ସଂସ୍କୃତି ସାର୍ବଜନୀନ ସଂସ୍କୃତି, ବିଶ୍ୱହିତୈଶୀ ସଂସ୍କୃତି। ସର୍ବପ୍ରାଚୀନ ସଂସ୍କୃତି ଯାହା ବିଭିନ୍ନତା ମଧ୍ୟରେ ମଧ୍ୟ ଏକତା ଆଣି ସମଗ୍ର ମାନବ ସମାଜର ମଙ୍ଗଳସାଧାନା କରି ସଂହତି ସ୍ଥାପନ କରିଥାଏ। ଏହି ଘୋଷଯାତ୍ରା ମାନବ ସମାଜକୁ ଶିକ୍ଷା ଦିଏ ବୁଦ୍ଧି ହେଉଛି ସାରଥି ମନ ହେଉଛି ଘୋଡ଼ା, ତେଣୁ ମଣିଷ ଯଦି ବୁଦ୍ଧିର ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସ୍ୱନିୟନ୍ତ୍ରିତ କରେ, ମାନବର ଭାବ ଦୂର ହୋଇ ଆତ୍ମବଳଶାଳୀ ହୋଇ ମାନବ ବିବେକର ଶକ୍ତିରେ ପରିଚାଳିତ ହୋଇ୭ ସମାଜର ତଥା ରାଷ୍ଟ୍ରର ଏବଂ ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରିବାକୁ ସମର୍ଥ ହେବ।

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ। ପ୍ରଭୁ ଜଗନ୍ନାଥ ଚାହାଁନ୍ତି ଆଜିର ମଣିଷ ତା'ର ଆତ୍ମଘାତୀ ଚିନ୍ତାଧାରାକୁ ଦୂରେଇଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶକ୍ତି, ଐଶ୍ୱରୀକତାକୁ ପ୍ରୟୋଗ କରି ନିଜ ଭିତରେ ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରୁ। ଏହି ଆତ୍ମସନ୍ଧାନ ହିଁ ତା' ଆଧାତ୍ମିକ ଚତେନାର ମୂଳଭିତ୍ତି। ସେ ଆକାର, ନିରାକାର, ସୁଖ, ଦୁଃଖ, ସେ ମାୟାବି, ସେ ପୁଣି ଭାବକୁ ନିକଟ ଅଭାବକୁ ଦୂର। ସେ ଅନ୍ତର୍ଯ୍ୟାମୀ, ସେ ସର୍ବବ୍ୟାପୀ, ସେ ଅବତାରୀ ପୁରୁଷ। ସେ ପୁଣି ଶବର ଦେବତା, ତାଙ୍କ ଭାବ ଗୀତା, ଭାଗବତ, ମହାଭାରତ, ସବୁର ବହୁ ଉର୍ଦ୍ଧ୍ୱରେ। ଥରେ ଯିଏ ସେ ଭାବକୁ ବୁଝିଛି ତାଙ୍କ ଚେତନାରେ ହଜିଛି, ପ୍ରେମରେ ପଡ଼ିଛି ତା'ର ଆଉ କିଛି ଐଶ୍ୱର୍ଯ୍ୟ ସୁଖ ସମ୍ପତ୍ତି ଲୋଡ଼ା ହୁଏ ନାହିଁ। ସମଗ୍ର ପୃଥିବୀରେ ଏମିତି ଠାକୁର ବିରଳ ଯାହାର ହାତ ନାହିଁ କିନ୍ତୁ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ହାତ ବଢ଼ାଇ ନିଅନ୍ତି, ଗୋଡ଼ ନାହିଁ କିନ୍ତୁ ଚାଲି ଚାଲି ଆସି ଭକ୍ତଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସନ୍ତି। ସେ ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବସନ୍ତି। ପୁଣି ପାଟି ନଥାଇ କଥା କହୁନ୍ତି। କାନ ନଥାଇ ଭକ୍ତର ଗୁହାରୀ ଶୁଣନ୍ତି। ଗଜ, ମୃଗଣୀ ଏବଂ ଦ୍ରୌପଦୀର ବସ୍ତ୍ରହରଣବେଳେ କୋଟି କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରନ୍ତି। ପୁଣି ନାକ ନଥାଇ ମଲ୍ଲୀ, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି। ଏଭଳି ଠାକୁର ଭକ୍ତ ପାଇଁ ସହଜ, ସରଳ ହୋଇଥିବାବେଳେ ବିଦ୍ୱାନ ଗୁଣୀ ପାଖରେ ଅନେକ ଜଟିଳ। ତାଙ୍କ ଚିନ୍ତାଚେତନାକୁ ଓ ତତ୍ତ୍ୱକୁ ଭକ୍ତ ଅତି ସହଜରେ ବୁଝିପାରିଥାଏ। ପ୍ରିୟ ଭକ୍ତର ଆସିବା ବିଳମ୍ବ ହେଲେ ପ୍ରଭୁ ଛଳନା କରି ରଥକୁ ଅଟକାଇ ଦିଅନ୍ତି। ସତରେ ତାଙ୍କର ମହିମା ଅବର୍ଣ୍ଣନୀୟ। ସେଇଥିପାଇଁ ତ ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କୁ ସୃଷ୍ଟିର ଅଲୌକିକ ଦେବତା ବୋଲି ଅଭିହିତ କରିଛନ୍ତି।

ପାଦ ନାହିଁ ସେ ଯେ ଗଗନ କରଇ
କର୍ଣ୍ଣ ନାହିଁ ସବୁ ଶୁଣେ
ଜିହ୍ୱା ନାହିଁ ସ୍ୱାଦ ମଣେ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ, କାବ୍ୟ, କବିତା, ମଧ ଅପୂରଣୀୟ ଏବଂ ଶ୍ରୀହୀନ। ଭକ୍ତ ସାଲବେଗଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ବନମାଳୀ ଦାସ, ବୈଷ୍ଣବ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି କାଳିଚରଣ ପଟ୍ଟନାୟକଙ୍କ କବିତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ। ପୁଣି ଉତ୍କଳମଣି ଗୋପବନ୍ଧୁଙ୍କୁ ଲେଖିଲେ–

"ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ"।

ଜୈନ୍ୟ ସାହିତ୍ୟରେ ମହାବୀରଙ୍କୁ ଜଗନ୍ନାଥ। ବୌଦ୍ଧ ସାହିତ୍ୟରେ ବୁଦ୍ଧଦେବଙ୍କୁ ଜଗନ୍ନାଥ ରୂପରେ, ବିଷ୍ଣୁ ପୁରାଣରେ କୃଷ୍ଣଙ୍କୁ, ମତ୍ସ୍ୟ ପୁରାଣରେ କାର୍ତ୍ତିକେୟଙ୍କୁ ସାରଳା ମହାଭାରତରେ କୃଷ୍ଣଙ୍କୁ ଜଗନ୍ନାଥ ରୂପରେ ବର୍ଣ୍ଣନା କରାଯାଇଛି। ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କରି ସନ୍ତାନ। ପ୍ରଭୁ ପୁଣି ମାନବୀୟ ଲୀଳା କରନ୍ତି। ଶୀତଦିନେ ଗରମ ପୋଷାକ, ଗ୍ରୀଷ୍ମଦିନେ ଜଳକେଳି କରନ୍ତି ଏବଂ ଷାଠିଏ ପଉଟି ଖାଦ୍ୟ ରାଜକୀୟ ରୀତିରେ ସେବନ କରନ୍ତି। ଭକ୍ତି ଓ ଭାବର ରଜ୍ଜୁରେ ସେ ବନ୍ଧା। ବଡ଼ ମାନୁଆ ଠାକୁର। ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବାକୁ ପୁଣି ବାଇଗଣ କିଆରୀରେ ପଶି ଆପଣା ପାଟବସ୍ତ୍ରକୁ ଚିରି ଗୀତ ଶୁଣନ୍ତି। ଭକ୍ତ ଅଭିମାନ କଲେ ଅବା ଗାଳି କଲେ ସେ ଚନ୍ଦନ ପ୍ରାୟେ ଗାଳିକୁ ବୋଲି ପକାନ୍ତି। ତାଙ୍କ ପାଇଁ ମହଣ ମହଣ ଘିଅ, ଧୂପଦ୍ୱୀପ, ଚନ୍ଦନ, ଅଗୁର, ତୁଳସୀ, ଫୁଲ ଲୋଡ଼ା ହୁଏନି। ଲୋଡ଼ା ଖାଲି ଟିକିଏ ଛଳନାହୀନ ପ୍ରେମ। ସେ ପ୍ରେମ ଭୌତିକ ନୁହେଁ ସେ ପ୍ରେମ ଚିର ଅମଳିନ, ଚିର ଶାଶ୍ୱତ, ଚିର ଜାଗ୍ରତ। ଏମିତି ଠାକୁର ସାରାବ୍ରହ୍ମାଣ୍ଡରେ ନଥିବେ ଯିଏ ରତ୍ନ ସିଂହାସନ ଛାଡ଼ି ପାଗଳ ପରି ଧାଇଁ ଆସେ ଭକ୍ତଙ୍କୁ କୋଳେଇ ନେବା ପାଇଁ। ଭକ୍ତ ସହ ଏକାକାର ହୋଇଯିବା ପାଇଁ ଭକ୍ତ ବି ଅଧିର। ଭକ୍ତ ଅଭିମାନ କରେ ପ୍ରଭୁ ପାଖରେ, ପ୍ରଭୁ କିଛି ଦେଲନାହିଁ। ପ୍ରଭୁ କିନ୍ତୁ ଯାହା ତା' ପାଇଁ ଚିର ମଙ୍ଗଳ ତାହା ହିଁ କରନ୍ତି। ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର। ବେଳେବେଳେ ଭକ୍ତକୁ ପରୀକ୍ଷା କରନ୍ତି। ସୃଷ୍ଟିରେ ବିଚିତ୍ର ଲୀଳା କରନ୍ତି। ତାଙ୍କ ଲୀଳାକୁ ସାଧାରଣ ଭକ୍ତ ବୁଝିପାରେନି। ତାଙ୍କ ଇଚ୍ଛା ସବୁବେଳେ ମଙ୍ଗଳମୟ। ତାଙ୍କ ଲୀଳା ଜାଣିବାକୁ ହେଲେ ଧୈର୍ଯ୍ୟ ଦରକାର। ଥରେ ହାତ ଟେକି ତାଙ୍କୁ ସମର୍ପିତ ହେଲେ ସବୁ ସେ କୃପା ବର୍ଷା କରିଦିଅନ୍ତି। ଜାତିରେ ମୁସଲମାନ ଭକ୍ତ ସାଲବେଗକୁ ପ୍ରଭୁ ଆପଣେଇ ତାର କୁଷ୍ଠବ୍ୟାଧି ଭଲ କରିଦେଇଥିଲେ। ପୁଣି ଭୋକ ଉପାସରେ ସଢୁଥିବା ବନ୍ଧୁ ମହାନ୍ତିକୁ ଭୋଗଥାଳି ଟେକି ଦେଇଥିଲେ। ବିଦୂରର ସାଗ ଭଜା ପ୍ରଭୁଙ୍କୁ ଅପାର ଆନନ୍ଦ ଦେଇଥିଲା ସେ ଦିନ। କରମାବାଇର ଦାନ୍ତାକାଠିରେ ଗୋଳାଉଥିବା ଖେଚୁଡ଼ିକୁ ପ୍ରଭୁ ମହାଆନନ୍ଦରେ ଥାଆନ୍ତି। ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ପରିଲାଗେ। ଶବରୀର ଅଇଁଠା କୋଳି ଖାଇ ତାଙ୍କୁ ସ୍ୱର୍ଗବାସୀ କରାଇଥିଲେ।

ଆଜିର ମଣିଷ ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ସହରୀକରଣ ଆଳରେ ଯେତେବେଳେ ଗର୍ବ ଅହଙ୍କାରରେ ଫାଟି ପଡୁଛି ତା' ମନରେ ଶାନ୍ତି ନାହିଁ। ମନରେ ଶ୍ରଦ୍ଧା, ପ୍ରେମ, ତ୍ୟାଗ ସେ ସବୁ ଭୁଲିଯାଇ ଚନ୍ଦ୍ରପୃଷ୍ଠରେ ଘର କରିବାକୁ ସ୍ଥିର କରୁଛି। ଅତି ସୂକ୍ଷ୍ମ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଜୀବନଜୀବିକାକୁ ନେଇ ସଂଘର୍ଷ କରି ନିଇତି ମୃତ୍ୟୁ ସହ ଲଢୁଛି। ସମଗ୍ର ବିଶ୍ୱ କରୋନାବ୍ୟାଧିରେ ଆତଙ୍କିତ ହୋଇପଡ଼ିଛି, ଠିକ୍ ସେତିକିବେଳେ ସେହି ସର୍ବଶକ୍ତିମାନ ସାର୍ବଜନୀନ, ସର୍ବଧର୍ମ ସମନ୍ୱୟର ଠାକୁରଙ୍କ ପାଖେ ନିଜକୁ ଆତ୍ମସମର୍ପଣ କରିଦେଇଛି। ସେଠି ପ୍ରଭୁ ହିଁ ଏହି ବିପତ୍ତିଜନକ ମହାମାରୀରୁ ଭକ୍ତକୁ ଉଦ୍ଧାର କରିବେ, ଏଥିରେ ସନ୍ଦେହ ନାହିଁ। ନିଜକୁ ପ୍ରଭୁଙ୍କ ପାଖେ ସମର୍ପି ଦେଲେ ଆମେ ସଂକୀର୍ଣ୍ଣତାରୁ ମହାନତା, ବିଶାଳତା, ଗୌରବ, ବିଶ୍ୱାତ୍ମଭାବ, ବିଭବ, ଆଦର୍ଶ ପରିବାର, ଆଦର୍ଶବ୍ୟକ୍ତିତ୍ୱ, ସମୃଦ୍ଧ ସମାଜ ଏବଂ ଗୌରବୋଜ୍ଜ୍ୱଳ ରାଷ୍ଟ୍ର, କଲ୍ୟାଣମୟ ବିଶ୍ୱ ଗଠନ କରିବାକୁ ସମର୍ଥ ହେବୁ। ଯଦି ଅନ୍ତରାତ୍ମାରେ ପ୍ରଭୁଙ୍କ ଦର୍ଶନ କରି ସମସ୍ତ ନକାରାତ୍ମକ ମନୋଭାବକୁ ଦୂରେଇ ଦେଇ ସାତ୍ତ୍ୱିକ ଏବଂ ଆଧାତ୍ମିକଭାବେ ଜାଗ୍ରତ କରି ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ତାହା ହିଁ ହେବ ଘୋଷଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ। ପ୍ରଭୁଙ୍କୁ ଭକ୍ତର ଛୁଇଁବାର ଆବଶ୍ୟକତା ନାହିଁ।

# ଗରୀବଙ୍କ ସଂଖ୍ୟାକୁ ନେଇ ବିରୋଧାଭାଷ

॥ ଗୋପାଳ ମହାପାତ୍ର ॥

ଆମ ଦେଶର ଅର୍ଥବ୍ୟବସ୍ଥା ଦ୍ରୁତଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧ୍ୟରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛଁ । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛଁ । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି ? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି ? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ । ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ । ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ଓ ତଥ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି। କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରୀବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କୋରୋନା ମହାମାରୀ ପରେ ଦେଶର ୫.୬୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠି ଆସିଛନ୍ତି। ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରୀବଙ୍କ ସଂଖ୍ୟା ୪୧.୫କୋଟି କମିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରୀବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ତ୍ୱେ ଭାରତର ଲୋକେ କୋରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧ୍ୟରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି । ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରୀବ ଥିଲେ । ଏବେ ୨୬.୯ କୋଟି ଗରୀବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧ୍ୟରୁ ପାଖାପାଖି ୪୧ କୋଟି ଲୋକ ଚାକିରୀ କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥୀକ ପରାମର୍ଶଦାତା ପରିଷଦର ଅଧକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ବିବାରେ ଲାଗିଛି କାହିଁକି ? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି ?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ 'ଅତି ଗରୀବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର' କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରୀବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶୀକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶୀକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାଷ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍।

ମୋ-୯୪୩୮୪୮୫୦୯୪

# ଭାରତୀୟ ଆଧାତ୍ମିକ ଚେତନାରେ ଯୋଗ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ। ଆଜିର କରୋନା ମହାମାରୀ ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ି ଯାଇଛି। ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ। ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧରେ ସୀମିତ ଥିଲା। ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଟ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା।

ଯୋଗ ସମ୍ବନ୍ଧୀୟ ଉପଦେଶ ସର୍ବପ୍ରଥମେ ହିରଣ୍ୟଗର୍ଭ ବ୍ରହ୍ମା ସନକାଦିକୋଙ୍କୁ ଓ ପରେ ସୂର୍ଯ୍ୟଙ୍କୁ ଦେଇଥିଲେ। ପରେ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା। ପ୍ରଥମଟି ବ୍ରହ୍ମାଯୋଗ, ଦ୍ୱିତୀୟଟି କର୍ମଯୋଗ। ବ୍ରହ୍ମାଯୋଗର ପରମ୍ପରା ସନକ, ସନନ୍ଦନ, ସନାତନ, କପିଳ, ଆସୁରୀ, ବୌଦ୍ଧ ଓ ପଞ୍ଚଶିଖ ନାରଦ ଶୁକାଦିଙ୍କୋ ଆରମ୍ଭ କରିଥିଲେ। ଏହା ଲୋକଙ୍କ ମଧ୍ୟରେ ଜ୍ଞାନ, ଆଧ୍ୟାତ୍ମ୍ୟ ଓ ସାଂଖ୍ୟ ଯୋଗ ନାମରେ ପ୍ରସିଦ୍ଧ ହେଲା। ସେହିପରି କର୍ମଯୋଗର ପରମ୍ପରା ସୂର୍ଯ୍ୟଙ୍କର ଅଟେ। ସୂର୍ଯ୍ୟ ପ୍ରଥମେ ମନୁଙ୍କୁ, ମନୁ ଇକ୍ଷ୍ୱାକୁଙ୍କୁ ଇକ୍ଷ୍ୱାକୁ ରାଜା, ପ୍ରଜାଙ୍କୁ ଯୋଗ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ଏହି ସବୁ ତଥ୍ୟ ବେଦ ଏବଂ ପୁରାଣରେ ଉଲ୍ଲେଖ ରହିଛି। ବେଦକୁ ସଂସାରର ପ୍ରଥମ ପୁସ୍ତକ ଭାବେ ଗ୍ରହଣ କରାଯାଏ। ଗୁରୁ ଶିଷ୍ୟ ପରମ୍ପରା ଦ୍ୱାରା ଏହା ପିଢ଼ି ପରେ ପିଢିକୁ ଯାଇଥିଲା। ତେବେ ଭାରତରେ ଯୋଗର ସବୁଠାରୁ ଆଶ୍ଚର୍ଯ୍ୟଜନକ ସନ୍ଧାନ ୧୯୨୦ ମସିହାରେ ହୋଇଥିଲା। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମରେ ଯୋଗ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି। ମାତ୍ର ଏହାର ମୂଳ ବେଦ ଓ ଉପନିଷଦ ହିଁ ଅଟେ। ଏହା ପରେ ଯୋଗର ପ୍ରଚଳନ ବଢ଼ିଥିଲା। ଯୋଗ ସଂସ୍ଥାନ, ପୀଠ ଓ ଆଶ୍ରମ ଆଦି ହେବାକୁ ଲାଗିଲା। କୁହାଯାଏ, ଭଗବାନ ଶଙ୍କରଙ୍କ ପରେ ବୈଦିକ ଋଷିମୁନି ଯୋଗର ପ୍ରାରମ୍ଭ କରିଥିଲେ। ପରେ କୃଷ୍ଣ, ମହାବୀର ଓ ବୁଦ୍ଧ ଏହାକୁ ନିଜ ଅନୁସାରେ ବିସ୍ତାର କରିଥିଲେ। ମାତ୍ର ପତଞ୍ଜଳି ଏହାକୁ ସୁବ୍ୟବସ୍ଥିତ ରୂପ ଦେଇଥିଲା। ଏହି ରୂପକୁ ପରେ ସିଦ୍ଧପନ୍ଥି, ଶୈବପନ୍ଥି, ନାଥପନ୍ଥି, ବୈଷ୍ଣବ ଓ ଶକ୍ତି ପନ୍ଥି ମାନେ ନିଜ ନିଜ ଅନୁସାରେ ବିସ୍ତାର କରିଥିଲେ। ଯୋଗ ପରମ୍ପରା ଓ ଶାସ୍ତ୍ରକୁ ନେଇ ଏକ ବିସ୍ତୃତ ଇତିହାସ ରହିଛି ମାତ୍ର, ଏହି ଇତିହାସ ମଧ୍ୟରୁ କେତେକ ହଜିଯାଇଥିବା ବେଳେ କେତେକ ଆଫଗାନିସ୍ତାନ, ହିମାଳୟର ଗୁମ୍ଫା, ତାମିଲନାଡୁ, ଆସାମ ସହିତ ବର୍ମାର ଜଙ୍ଗଲରେ ରହିଥିବାର କୁହାଯାଏ। ଯେପରି ପ୍ରଭୁ ରାମଙ୍କ ଚିହ୍ନ ଭାରତର ଦ୍ୱୀପ ମହାଦ୍ୱୀପରେ ଦେଖିବାକୁ ମିଳିଥାଏ, ସେହିପରି ଯୋଗ କରୁଥିବା ଯୋଗୀ ଓ ତପସ୍ୱୀଙ୍କ ଚିହ୍ନ ବିଭିନ୍ନ ଜଙ୍ଗଲ, ପାହାଡ଼ ଓ ଗୁମ୍ଫାରେ ଆଜି ବି ଦେଖିବାକୁ ମିଳେ। ଯୋଗ ଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧ୍ୟରେ ଏକତାର ଭାବନା ସୃଷ୍ଟି ହୁଏ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟକରେ। ଏହା ମଣିଷର ସାମଗ୍ରିକ ବିକାଶ ଲାଗି ଉଦ୍ଦିଷ୍ଟ। ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ଠିକା ଶ୍ରମିକଙ୍କ ମୃତ୍ୟୁ କୁ ନେଇ ଫାଟକ ସମ୍ମୁଖରେ ଆନ୍ଦୋଳନ



ଅନୁଗୋଳ,(ମହାଭାରତ) :ନାଲକୋଥାନା କନ୍ୟାବେଢ଼ା ଗ୍ରାମର ଅମୂଲ୍ୟ ସାହୁ ବୟସ (୫୮)ଙ୍କର ଶାରୀରିକ ଅସୁସ୍ଥତା ନେଇ ଆଜି ସନ୍ଧ୍ୟାରେ ଅନୁଗୋଳ ମେଡ଼ିକାଲରେ ମୃତ୍ୟୁ ହୋଇଥିଲା। ପରିବାର ଏବଂ ଆତ୍ମୀୟ ସ୍ୱଜନ କ୍ଷତି ପୂରଣ ଦାବି କରିଛନ୍ତି। ଅମୂଲ୍ୟ ସ୍ମେଲ୍ଟର୍ ରୋଡିଂ ସପ୍ ୧ରେ ଠିକା ଶ୍ରମିକ ଭାବେ କାମ କରନ୍ତି। କିଛିଦିନ ଧରି ଦେହ ଅସୁସ୍ଥ ଥିଲା। ଆଜି ଅନୁଗୋଳ ମେଡ଼ିକାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଦୀପ୍ତି ଏଣ୍ଟରପ୍ରାଇଜର୍ସ ନାମକ ଠିକା ସଂସ୍ଥାରେ କାମ କରୁଥିଲେ। ଘଟଣା ସ୍ଥଳରେ ଥାନା ଅଧିକାରୀ ପ୍ରଦୀପ୍ତ ମହନ୍ତ ଏବଂ ସିଆଇଏସଏଫ୍ ଯବାନ ମୃତୟନ ଅଛନ୍ତି। ମୃତକଙ୍କ ପରିବାର , ଗ୍ରାମବାସୀ ଏବଂ ବିଭିନ୍ନ ଠିକା ସଂଗଠନ ତରଫରୁ ବାପା ଅମୂଲ୍ୟଙ୍କ ସ୍ଥାନରେ ପୁଅ ଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି।

# ଯୁବକ ଘରକୁ ଯାଉଥିବାବେଳେ ଝାମ୍ପି ନେଲେ ମୋବାଇଲ

ଅନୁଗୋଳ,(ମହାଭାରତ) ନାଲକୋ ଥାନା ଅନ୍ତର୍ଗତ ଏଫ୍ ସି ଆଇ ଛକ ଠାରେ ସ୍କୁଟି ରଖି ଫୋନ୍ ପକେଟରୁ ବାହାର କରିବା ବେଳେ ପଛରୁ ଏକ କଳା ରଙ୍ଗର ପଲ୍ସର୍ ମୋଟର ସାଇକେଲ ରେ ଦୁଇ ଜଣ ଆସି ମୋବାଇଲ ଝାମ୍ପି ନେଇ ଯାଇଥିଲେ। ଯୁବକ ଜଣକ ନାଲକୋ ଅଞ୍ଚଳ ରେ ଥିବା ଗୌରୀ ହୋଟେଲ ପର୍ଯ୍ୟନ୍ତ ପିଛା କରିଥିଲେ ମଧ ଟେର ପାଇନଥିଲେ। ସୂଚନା ଥାଉକି ଉକ୍ତ ଯୁବକ ଜଣଙ୍କ କୁଲାଡ ଗ୍ରାମର ମନିଶ କୁମାର ସେଠ ବୟସ (୩୪) ।ଏ ନେଇ ମନୀଶ ନାଲକୋ ଥାନାରେ ଲିଖିତ ଅଭିଯୋଗ କରିବା ପରେ ସଙ୍ଗେ ସଙ୍ଗେ ନାଲକୋ ଥାନା ଅଧିକାରୀ ପ୍ରଦୀପ୍ତ ମହନ୍ତ ଙ୍କ ସହ ଗୋଟିଏ ଟିମ୍ ଯାଇ ତଦନ୍ତ ଜାରି ରଖିଛି।

# ଗୁପ୍ତେଶ୍ୱର ଠାରେ ମହା ଶିବ ରାତ୍ରୀ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

କୋରାପୁଟ(ମହାଭାରତ):କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଗୁପ୍ତେଶ୍ୱର ଶୈବ ପୀଠ ଠାରେ ମହା ଶିବରାତ୍ରୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ କୁମାରୀ ଅକାବରମ ଶସ୍ୟା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜୟପୁର ପୌରପରିଷଦର ପାରିଷାଦିକ ଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇ ଥିଲା । ଯେପରି ଯାନବାହାନ ନିୟନ୍ତ୍ରଣ ପାଇଁ ବୈପାରିଗୁଡ଼ା ପୋଲିସ, ଜୟପୁର ସଦର ପୋଲିସ ଓ ଓଡ୍ରାଫ କୁ ଦିଆ ଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ଦ୍ୱାରା ୨ ଗୋଟି ଷ୍ଟଲ ହେବ ଏବଂ ଏଥି ନିମନ୍ତେ ଡାଲି ଚାଉଳ କଦଳୀ, ପାନୀୟ ଜଳ, ଚୂଡ଼ା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବେ। ପିଇବା ପାଣି ଓ ଶୌଚାଳୟ ମରାମତି ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ବୈପାରିଗୁଡା ଓ ଜୟପୁରଙ୍କୁ ଅନୁରୋଧ କରାଯାଇଛି । ଜଡଝଝ ବୈପାରିଗୁଡ଼ାଙ୍କୁ ବ୍ଲିଚିଂ ପାଉଡର ପକାଇବା ସହ ସଫା ସୁତୁରାର ଦାୟିତ୍ୱ ଦିଆଗଲା। ବିଗତ ବର୍ଷ ଭଳି ଚଳିତ ବର୍ଷ ୨ ଗୋଟି ଷ୍ଟଲ୍ ରହିବ ସମସ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବ ସହ ୨ ଗୋଟି ଏମ୍ବୁଲେନ୍ସ ରଖିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ, ଜୟପୁର ଓ ବୈପାରିଗୁଡ଼ାଙ୍କୁ ଅନୁରୋଧ କରାଗଲା । ଶିବରାତ୍ର ଦିନ ଅଗ୍ନିଶମ ଗାଡି ଗୋଟିଏ ମନ୍ଦିର ପାଖରେ ଓ ଅନ୍ୟଟି ପାର୍କିଂ ପାଖରେ ରହିବ। ପ୍ରତି ବର୍ଷ ଭଳି ଏହି ବର୍ଷ ରାତ୍ର ୮ ଘଣ୍ଟା ସମୟରେ ମନ୍ଦିର ଫାଟକ ବନ୍ଧ ହେବ ଏବଂ ପରେ ପରେ ହରିହର ମିଳନ ରାତ୍ର ୧୨.୦୦ ଘଟିକାରେ ତା ପରେ ପରେ ମହା ଦୀପ ହେବ । ଏହି ଦିନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସୂଚନା କେନ୍ଦ୍ର ଏକ ହୁଏ ଏହାର ଦାୟିତ୍ୱ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କୋରାପୁଟଙ୍କୁ ଦିଆଗଲା। ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସାଂସ୍କୃତିକ ବିଭାଗ କୋରାପୁଟଙ୍କୁ ଅନୁରୋଧ କରଯାଇଛି।

# ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ପ୍ରତିଯୋଗିତାର ଶୁଭାରମ୍ଭ

ସି.ଏମ୍. ଟ୍ରଫି ନିମନ୍ତେ ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ପ୍ରତିଯୋଗିତାର ଶୁଭାରମ୍ଭ । ଆଜି ସ୍ଥାନୀୟ ମୁଖ୍ୟ ଷ୍ଟାଡ଼ିୟମଠାରେ ସି.ଏ. ଟ୍ରଫି ହାସଲ ନିମନ୍ତେ ଜିଲ୍ଲା ସ୍ତରୀୟ ଅଣ୍ଡର ଫିପଟିନ ଇଣ୍ଟର କ୍ଲବ ପ୍ରତିଯୋଗିତା ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଜିଲ୍ଲା ପରିଷଦର ମାନ୍ୟବର ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ ଶୁଭ ଉଦଘାଟନ କରିଥିଲେ । ପାଠ ସହିତ କ୍ରୀଡ଼ା ଅଭ୍ୟାସ ନିଜ ଶରୀର ଓ ଜୀବନ ଗଠନରେ ବିଶେଷ ସହାୟକ ହୋଇଥାଏ ବୋଲି ସେ ମତ ବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ମୁଖ୍ୟ ବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଥାଏ ବୋଲି ପ୍ରକାଶ କରିଥିଲେ। ଏଥି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଧିବଦ୍ଧ ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି । ଜିଲ୍ଲା କ୍ରୀଡ଼ା ସଂଘର ସେକ୍ରେଟାରୀ ନଳିନୀ ଦାଶ, କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେଉଅଛି ।

# ଜେଏସଡବ୍ଲୁ ଶିବା ସିମେଣ୍ଟ ଚୂନପଥର ଖଣିର ଜମି ଅଧିଗ୍ରହଣ ପାଇଁ ଜନ ଶୁଣାଣି

ସୁନ୍ଦରଗଡ(ମହାଭାରତ): ସୁନ୍ଦରଗଡ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘନାଠାରେ ଅବସ୍ଥିତ ଜେଏସଡବ୍ଲୁ ଶିବା ସିମେଣ୍ଟର ଖତକୁରବାହାଲ ଚୂନପଥର ଖଣିର ସାମାଜିକ ପ୍ରଭାବ ଆକଳନ ସମ୍ବନ୍ଧୀୟ ଜନ ଶୁଣାଣି ଲୋକଙ୍କ ବିରୋଧ ସତ୍ତ୍ୱେ ଖତକୁରବାହାଲଠାରେ ଅନୁଷ୍ଠିତ ହୋଇଯାଇଛି । ଶିବା ସିମେଣ୍ଟ ଦ୍ୱାରା ପୂର୍ବରୁ ଅବସ୍ଥିତ ଚୂନପଥର ଖଣି ସଂପ୍ରସାରଣ ପାଇଁ ୮୦.୩୦ ଏକର ଜମି ଯଥା ଖତକୁରବାହାଲ ଗ୍ରାମର ୬୪.୫୮ ଓ କୁଲେନବାହାଲ ଗ୍ରାମର ୧୫.୭୨ ଏକର ଜମି ଅଧିଗ୍ରହଣ ପାଇଁ ଓଡିଶା ରାଜ୍ୟ ପ୍ରଭାବ ଆକଳନ ୟୁନିଟର ସାମାଜିକ ପ୍ରଭାବ ଆକଳନ ପ୍ରଭାବ ବିବରଣୀ ପ୍ରସ୍ତୁତ କରି ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ପ୍ରଦାନ ପାଇଁ ଜନ ଶୁଣାଣି କରାଯାଇଥିଲା ।ଏହି ଜନ ଶୁଣାଣି ପାଇଁ ବିଧାୟକ ଡ ସି ଏସ ରାଜନ ଏକ୍କା,ଉପ ଜିଲ୍ଲାପାଳ ଦାଶରଥି ସରାବୁ,ଏଡିଏମ ଅଭିମନ୍ୟୁ ମାଝୀ,କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସ୍କେ,ବିଡିଓ ଯୁଗଳ କିଶୋର ବିଶ୍ୱାଳ ଜନ ଶୁଣାଣି ପାଇଁ ଖତକୁରବାହାଲ ପହଂଚିଥିଲେ।

# ଆଗକୁ କେସିଙ୍ଗା ରେ ପାଣି ପାଇଁ ଆନ୍ଦୋଳନ ମରୁଭୂମି ପାଲଟି ଗଲାଣି ଚିରସ୍ରୋତା ତେଲ ନଦୀ

କଳାହାଣ୍ଡି/ମହାଭାରତ: କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ର ଜୀବନରେଖା କହିଲେ ସହରର ଚିରସ୍ରୋତା ତେଲ ନଦୀ କୁ ବୁଝାଇଥାଏ ।ସହର ର ପ୍ରାୟ ୨୫ ହଜାର ଲୋକଙ୍କୁ ଜଳ ଯୋଗାଇଥାଏ ଏହି ତେଲ ନଦୀ। ଦୀର୍ଘ ୨୦ ବର୍ଷ ତଳେ ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଆଲୁମିନା କମ୍ପାନୀ ଆରମ୍ଭ ହେବା ଦିନଠାରୁ କମ୍ପାନୀକୁ ଜଳ ଯୋଗାଇଛି କେସିଙ୍ଗା ର ତେଲ ନଦୀ ପ୍ରତିଦିନ କେସିଙ୍ଗା ରୁ ଲକ୍ଷ ଲକ୍ଷ ଲିଟର ପାଣି ପାଇପ ଯୋଗେ ବେଦାନ୍ତ କୁ ଜଳ ଯୋଗାଣ ହେଉଛି। ପାଣି ବନ୍ଦ ହେଲେ କମ୍ପାନୀ ବନ୍ଦ ହୋଇଯିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।୨୦ ବର୍ଷ ତଳେ ବେଦାନ୍ତ କମ୍ପାନୀ ଓ କେସିଙ୍ଗା ଏନ୍ ଏ ସି ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେବା ବେଳେ ବେଦାନ୍ତ କମ୍ପାନୀ ପକ୍ଷରୁ ପାଣି ବଦଳରେ କେସିଙ୍ଗା ର ପାରିପାର୍ଶ୍ୱିକ ଉନ୍ନୟନ କାମରେ ସଦାବେଳେ ସହଯୋଗ କରିବା ପାଇଁ ସହର ବାସୀ ଓ ଏନ୍ ଏ ସି କୁ କଥା ଦେଇ ଥିଲା ହେଲେ ବିଗତ ୨୦ ବର୍ଷ ମଧ୍ୟରେ ବେଦାନ୍ତ କମ୍ପାନୀ କେସିଙ୍ଗା ର ପାରିପାର୍ଶ୍ୱିକ ବିକାଶ ରେ ଟଙ୍କା ଟିଏ ମଧ ସହଯୋଗ କରିନ ଥିବା ବର୍ତ୍ତମାନ ନଗର ପାଳ ନୃପରାଜ ଯାଦବ ପ୍ରକାଶ କରିଛନ୍ତି। ନଗରପାଳ ଉକ୍ତ ବିଷୟ ଉପରେ ତିନି ଚାରି ଥର କମ୍ପାନୀକୁ ଚିଠି ଲେଖିଥିଲେ ମଧ କମ୍ପାନୀରୁ କୌଣସି ଉ□ର ଆସୁନ ଥିବା ଖୋଦ୍ ନଗରପାଳ କହିଛନ୍ତି। ଗତ ଜାନୁୟାରୀ ୧ ତାରିଖରୁ କେସିଙ୍ଗା ସହରକୁ ଜଳ ଯୋଗାଣ କରିବାରେ ବିଭାଗ କୁ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି କାରଣ ତେଲ ନଦୀ ର ଉପର ମୁଣ୍ଡ ରେ ଯୋଲକୋ ଠାରେ ରେ ନଦୀ ରେ ଜଳସେଚନ ପାଇଁ ଏକ ଅନ୍ତନଦୀ ପ୍ରକଳ୍ପ ନିର୍ମାଣ ହୋଇଥିବାରୁ ତଳ ଆଡ଼କୁ ଥିବା ଜନ ସ୍ୱାସ୍ଥ୍ୟ ବିଭାଗ ର ମୋଟର ପାଖକୁ ଆବଶ୍ୟକ ପରିମାଣ ର ପାଣି ପହ□ ପାରୁ ନାହିଁ ସେପଟେ ବେଦାନ୍ତ କୁ ପ୍ରତିଦିନ ଲକ୍ଷ ଲକ୍ଷ ଲିଟର ପାଣି ପାଇପ ଯୋଗେ ସପ୍ଲାଏ ହେବାରୁ ଜଳସ୍ତର ଦିନକୁ ଦିନ ତଳକୁ ହୋଇଯାଉଥିବା ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ବେଦାନ୍ତ କମ୍ପାନୀ ପକ୍ଷରୁ ଅତି ଶୀଘ୍ର କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରେ କେସିଙ୍ଗା ଜନସାଧାରଣ ଙ୍କ ସମେତ କେସିଙ୍ଗା ନଗରପାଳ ଓ ସମସ୍ତ ୱାର୍ଡ କାଉନସିଲର ମାନେ ଆନ୍ଦୋଳନ ଆରମ୍ଭ କରିବା ସହିତ ବେଦାନ୍ତ ର କେସିଙ୍ଗା ରେ ଥିବା ପମ୍ପ ହାଉସ କୁ ତାଲା ପକାଯିବ ବୋଲି କେସିଙ୍ଗା ନଗରପାଳ ପ୍ରକାଶ କରିଛନ୍ତି।

# ପିକ ଅପ ଧକ୍କା ରେ ୨ ମୃତ, ଜଣେ ଗୁରୁତର

ଗୋଲାମୁଣ୍ଡା (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ବୃନ୍ଦାବାହଲ ଗୋଲାମୁଣ୍ଡା ବିଜୁ ଏକ୍ସପ୍ରେସ ୱେ ରାସ୍ତା ର ରାମପଡା ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ବାଇକ ଓଡି୦୮ଏମ୍ ୭୬୭୭ରେ ୩ ଜଣ ଯୁବକ ରାସ୍ତା ପାରି କରୁଥିବା ବେଳେ ପଛପଟୁ ଆସୁଥିବା ଏକ ଛେଳି ବୋଝେଇ ପିକ ଅପ ଗାଡି (ଓଡି ୧୦ ଏଫ୍ ୭୬୫୬) ଧକ୍କା ଦେଇ ଚଢି ଯିବାରୁ ବାଇକ ରେ ଥିବା ୩ ଜଣ ଯୁବକ ଙ୍କ ମଧ୍ୟରୁ ୨ ଜଣ ଯୁବକ ଙ୍କ ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ମାନେ ହେଲେ ଗଣ୍ଡାମେର ଗ୍ରାମ ର ଭୋପାଳ ନାଏକ ଓ ଅନକାପୁର ଗ୍ରାମ ର କିଶୋର ନାଏକ ଓ ଗୁରୁତର ହେଲେ ଶୁକୁନିମୁଣ୍ଡା ଗ୍ରାମ ର ପ୍ରତ୍ୟୁଷ ଟୋଲଟିଆ ବୋଲି ପ୍ରାଥମିକ ସୂଚନା ରୁ ଜଣାପଡିଛି। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳରେ ଗୋଲାମୁଣ୍ଡା ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ପିକ ଅପ ଗାଡି କୁ ଜବତ କରିଛି ଓ ଗୁରୁତର କୁ ଧର୍ମଗଡ଼ ହସ୍ପିଟାଲ କୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଦୁର୍ଘଟଣା ପରେ ପିକ ଅପ ଗାଡି ଡ୍ରାଇଭର ଫେରାର ହୋଇଯାଇଥିବା ସୁଚନା ମିଳିଛି।

# ପାଞ୍ଚ ଦିନ ହେଲା ପୁଅ ନପାଇ କାନ୍ଦୁଛି ମା



ହାଟଡିହ(ମହାଭାରତ): ହାଟଡିହି କପୁଣ୍ଡି ଗ୍ରାମର ପର୍ଶୁରାମ ଜେନାଙ୍କ ୨୧ ବର୍ଷୀୟ ପୁଅ ଲକ୍ଷ୍ମୀଧର ଜେନା କେନ୍ଦୁଝରେ ଭାରତ ଫାଇନାନ୍ସ ଶାଖାରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିଲେ । ସେ ଗତ ୧୦ ତାରିଖ ଶୁକ୍ରବାର ଦିନ ତାଙ୍କର ଓଡ଼ି ୨୨ଭି ୬୭୫୦ ନମ୍ବର ବିଶିଷ୍ଟ ବାଇକ ଯୋଗ କଲେକ୍ସନ ପାଇଁ ସାନ୍ତରାପୁର, ବାସନ୍ତୀ କଲୋନୀ, ମାଗୁରଗଡ଼ିଆ, ବୁଲାଦରସା ରସାହି ପ୍ରଭୃତି ସ୍ଥାନକୁ ଯାଇଥିଲେ ।ସେହିଦିନ ରାତି ପ୍ରାୟ ୧୦ଟା ବେ ବଳେ ସ୍ଥାନୀୟ ବିଗବଜାର ନିକଟସ୍ଥ ଏଟିଏମରୁ ଟଙ୍କା ଉଠାଣ କରିଥିବା ବେଳେ ଆଉ ଅଫିସକୁ ଫେରିନଥିଲେ ।ଏନେଇ ଅଫିସ କର୍ମଚାରୀ ମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ଲକ୍ଷ୍ମୀଧର ଙ୍କ ସନ୍ଧାନ ନପାଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଶାଖା ପରିଚାଳକ ରତ୍ନାକର ରଣା ଟାଉନ ଥାନା ଅଭିଯୋଗ କରିଛନ୍ତି । ଯଦି କେହି ସହୃଦୟ ବ୍ୟକ୍ତି ଲକ୍ଷ୍ମୀଧରଙ୍କ ସନ୍ଧାନ ପାଇନ୍ତି ତାହାଲେ ତାଙ୍କ ବାପା ଙ୍କ ଫୋନ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି। ବାପା ଙ୍କ ମୋବାଇଲ୍ ନମ୍ବର୍ ହେଉଛି ୭୮୫୩୦୧୮୯୭୪ କିମ୍ବା ୮୯୨୬୨୦୪୨୮୧।

# ବିଦେଶୀ ମଦ ଦୋକାନ ସ୍ଥାନାନ୍ତରିତ କରିବା ପାଇଁ ସାଇପ୍ରିୟା ୱେଲଫର ଟ୍ରଷ୍ଟ ତରଫରୁ ଅବକାରୀ ଅଧୀକ୍ଷକଙ୍କୁ ଦାବି ପତ୍ର

ରାୟଗଡ(ମହାଭାରତ): ରାୟଗଡ ସହର ସ୍ଥିତ ସାଇପ୍ରିୟା ନଗର ନିକଟରେ ଥିବା ୧୫ ନମ୍ବର ବିଦେଶୀ ମଦ ଦୋକାନ କି ସ୍ଥାନାନ୍ତରିତ କରିବା ପାଇଁ ସାଇପ୍ରିୟା ୱେଲଫର ଟ୍ରଷ୍ଟ ତରଫରୁ ଅବକାରୀ ଅଧୀକ୍ଷକ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଉକ୍ତ ୧୫ ନମ୍ବର ଦୋକାନରେ ସବୁ ବେଳେ ମଦ୍ୟଙ୍କ ଭିଡ଼ ଲାଗି ରହିଥାଏ ।ମଦ୍ୟପ ମାନେ ସେଠାରେ ମଦ କିଣିବା ସହ ଖୁଲାମ ଖୋଲା ଭାବରେ ରାସ୍ତା କଡରେ ମଦ୍ୟ ପାନ କରୁଛନ୍ତି ।ଯାହା ଦ୍ୱାରା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଜନତା । ଉକ୍ତ ରାସ୍ତା କଡରେ ବିଭିନ୍ନ ବଡ଼ ବଡ଼ ସପିଙ୍ଗ ମଲ ,ବ୍ୟାଙ୍କ ପ୍ରତିଷ୍ଠାନ ,ଦୋକାନ ବଜାର ,ବିଦ୍ୟାଳୟ ଓ କଲେଜ ରହିଛି ।ନିକଟରେ ସାଇପ୍ରିୟା ନଗର ସହ ହାଉସିଂ ବୋର୍ଡ଼ କୋଲୋନି ଓ ତୁମ୍ବିଗୁଡା ଗ୍ରାମ ରହିଛି ।ମଦ୍ୟପ ମାନେ ସେଠାରୁ ମଦ୍ୟ ପାନ କରି ବିଶୃଙ୍ଖଳା ଆଚରଣ ସୃଷ୍ଟି କରୁଥିବାରୁ ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି ।ତେଣୁ ଉକ୍ତ ୧୫ ନମ୍ବର ବିଦେଶୀ ମଦ ଦୋକାନ କୁ ତୁରନ୍ତ ସ୍ଥାନାନ୍ତରିତ କରିବା ପାଇଁ ଦାବି କରିଛନ୍ତି ସାଇପ୍ରିୟା ୱେଲଫର ଟ୍ରଷ୍ଟ ର ସଭ୍ୟ ମାନେ ।ସାଇପ୍ରିୟା ୱେଲଫର ଟ୍ରଷ୍ଟ ର ସଂପାଦକ ଦୟାନନ୍ଦ ଖାଡ଼ଙ୍ଗା ଙ୍କ ନେତୃତ୍ୱରେ ଆଜି ଟ୍ରଷ୍ଟ ର କୋଷାଧକ୍ଷ ଜି ,ବ୍ରହ୍ମାଜି ,ଜି ,ଦାମୋଦର ,ଅରୁଣ କୁମାର ସାହୁ ,ଗୌରୀ ଶଙ୍କର ରାଓ ପ୍ରମୁଖ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଛନ୍ତି ।

# ବିନା ୱାଇ ଫର୍ମ ରେ ବେଧଡକ ଚୋରା ଚାଲାଣ ହେଉଛି ଶହ ଶହ ଟ୍ରିପ ହାଇୱା କଳାମୁଗୁନି ପଥର

ଖୋର୍ଦ୍ଧା,(ମହାଭାରତ): ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କାଇପଦର ଅଞ୍ଚଳରେ ରାଜସ୍ ବିଭାଗ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ଦିନକୁ ଦିନ ବଢି ଚାଲିଛି କଳାମୁଗୁନି ପଥର ଅବୈଧ କାରବାର । ସ୍ଥାନୀୟ ଅଞ୍ଚଳରେ କିଛି ଖଣି ମାଲିକ ଏକକାଳୀନ ପାଖାପାଖି ଅନେକ ଗୁଡିଏ ଖଣି ଲିଜ ନେଇଥିବା ବେଳେ ଅତି ଚତୁରତାର ସହ ଗୋଟିଏ ଖଣି ବାବଦରେ ଅର୍ଥ ପୈଠ କରି ପାଖରେ ନେଇଥିବା ଅନ୍ୟ ଖଣି ପାଇଁ ଅର୍ଥ ପୈଠ ନକରି ରାଜସ୍ ବିଭାଗ କର୍ମଚାରୀଙ୍କୁ ହାତବାରିସି କରି ସେଗୁଡିକ ବାତିଲ ଦେଉଥିବା ବେଳେ ନିକଟ ଖଣିରୁ ବେଧଡକ ଭାବେ ବିନା 'ୱାଇ ଫର୍ମ'ରେ ଚୋରା ଚାଲାଣ କରୁଛନ୍ତି ଶହ ଶହ ଟ୍ରିପ ହାଇୱା କଳାମୁଗୁନି ପଥର । ସୂଚନା ମୁତାବକ, ଖୋର୍ଦ୍ଧା କାଇପଦର ମୌଜା ଅଧୀନରେ ଥିବା ଧନିଆ ପାହାଡ଼ରେ ଚାଲିଛି ବେଆଇନ କଳା ମୁଗୁନି ପଥର ଖଣି । ଲିଜରେ ନେଇଥିବା ଖଣି ମାଲିକ ଅଭିନବ ଉପାୟରେ ସ୍ୱଲ୍ ଚୋରି କରୁଛନ୍ତି । ଧନିଆ ପାହାଡ଼ରେ ଧନିଆ (କ) ଓ ଧନିଆ (ଘ) ଦୁଇଟି ପାହାଡ଼ ନିଲାମରେ ଆଣିଥିବା ଲିଜଧାରୀ କେବଳ ଧନିଆ (ଘ) ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅର୍ଥ ପୈଠ କରିଛନ୍ତି । ମାତ୍ର ଧନିଆ (କ) ପାଇଁ ସଲାମୀ ବାବଦ ଦେୟ ପୈଠ କରି ନଥିବା ଜଣାପଡ଼ି ସହିତ ଛି। ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ତଥା କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ସ୍ୱଲ ନିଲାମ ନେଇଥିବା ଖଣିର ୱାଇ ଫର୍ମ ଜରିଆରେ ବେଆଇନ ଖଣିରୁ ଲକ୍ଷାଧିକ ଟଙ୍କାର ପଥର ଆଣି ନିକଟରେ ଥିବା ଏକ ନିର୍ଦ୍ଦିଷ୍ଟ ମେଗା କ୍ରସରକୁ ରାତି ଅଧିଆ ଚାଲାଣ କରୁଛନ୍ତି । ବେଆଇନ କଳାମୁଗୁନି ଟ୍ରିପକୁ ୬ହଜାର ଲେଖାଏଁ ଖଣି ମୁଣ୍ଡରେ ବିକ୍ରି କରାଯାଉଥିବା ବେଳେ କ୍ରସରରେ ତାହା ପହଞ୍ଚିଲା ବେଳକୁ ପ୍ରାୟ ୮ହଜାରରୁ ସାଢେ ୮ହଜାର ଟଙ୍କା ମୂଲ୍ୟ ରହୁଥିବା ବିଶେଷ ଅନୁସନ୍ଧାନରୁ ଜଣାଯାଇଛି । ଫଳରେ ପଥର ମାଫିଆ ଓ ଅସାଧୁ କର୍ମଚାରୀ ମାଲେମାଲ ହେଉଥିବା ବେଳେ ପ୍ରଶାସନ ଏବଂ ସରକାର କୋଟି କୋଟି ରାଜସ୍ୱ ହରାଉଛନ୍ତି । ତେବେ ଯେଉଁ ନିର୍ଦ୍ଦିଷ୍ଟ କ୍ରସରକୁ ଏହି ବେଆଇନ ମାଲ୍ ଯାଉଛି ଉକ୍ତ କ୍ରସରର ଇଲେକ୍ଟ୍ରିବିଲ ଏଂ କ୍ରସରରୁ ବିକ୍ରି ହେଉଥିବା ମାଲର ଜିଏସଟି ବିଲକୁ ଏକକାଳୀନ ମିଶାଇ ଯାଞ୍ଚ କଲେ,ପ୍ରକୃତରେ ୱାଇ ଫର୍ମରେ କେତେ ମାଲ କିଣାଯାଉଛି ଏବଂ ସେମାନଙ୍କ ପାଖରେ କିଣାଯାଉଥିବା ମାଲ୍ ର ୱାଇ ଫର୍ମ ସମ୍ପୁର୍ଣ୍ଣ ଅଛି କି ନାହିଁ ତାହାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ଏବଂ ସ୍ଥାନୀୟ ଅଞ୍ଚଳରେ ଥିବା ଅନ୍ୟ ମେଗା କ୍ରସର ଗୁଡିକର କାଗଜପତ୍ର ଯାଞ୍ଚ କରାଗଲେ ଉକ୍ତ କ୍ରସର ଗୁଡ଼ିକ କେତେ ବେଆଇନ ପଥର ଆଣି ଗଚ୍ଛିତ କରିଛନ୍ତି ତାହାର ସମ୍ପୁର୍ଣ୍ଣ ତଥ୍ୟ ପଦାକୁ ଆସିବ । କାଇପଦର ମୌଜାରେ ଚାଲୁଥିବା ବେଆଇନ କଳାମୁଗୁନି ପଥର ଚୋରିକୁ ରୋକିବା ଦିଗରେ ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ ନକଲେ କୋଟିକୋଟି ଟଙ୍କାର ରାଜସ୍ୱ ହାନି ହୋ ଆଶଙ୍କାକୁ ଏଡାଇ ଦିଆ ଯାଇନପାରେ। ପ୍ରକାଶଥାଉକି, କାଇପଦର ମୌଜାରେ ଶ୍ରୀମନ୍ଦିର ପ୍ରଶାସନର ଶଙ୍ଖାରୀ, ଧନିଆ, ଯୋଡାଆମ୍ବ, ଭୂଇଁନିମ୍ବ, ମାଣ୍ଡିଆତଇଲା ପରି ଅନେକ ଗୁଡିଏ କଳାମୁଗୁନି ପଥର ଖଣି ରହିଛି । ପ୍ରଶାସନ ଆଖିରେ ଧୂଳିଦେଇ ଏଥିରୁ ବିପୁଳ ପରିମାଣରେ ଚୋରି ହେଉଛି ।

# କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ସଂପାନ ୭୫ ବର୍ଷରେ କଳାହାଣ୍ଡି

କଳାହାଣ୍ଡି/ମହାଭାରତ: ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ସହିତ କଳା, ସାହିତ୍ୟ, ସଂସ୍କୃତି ଓ ଇତିହାସର ପୁନରାବଲୋକନ ଦ୍ୱାରା ଏ ଜିଲ୍ଲା ଆହୁରି ସମୃଦ୍ଧ ହେବ। ସାମୁହିକ ଉଦ୍ୟମ ଦ୍ୱାରା କଳାହାଣ୍ଡିର ହୃତ ଗୌରବ ଫେରିଆସିବ। କଳାହାଣ୍ଡି ଆଜି ଉଚ୍ଚାକାଂକ୍ଷୀ ଜିଲ୍ଲା ଏବଂ ସେଦିନ ଆଉ ଡେରି ନାହିଁ, ଖୁବଶୀଘ୍ର ଏ ଜିଲ୍ଲାର ସୁଦିନ ଫେରି ଆସିବ ବୋଲି ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ସ୍ଥାନୀୟ ଟାଉନହଲଠାରେ ଆୟୋଜିତ '୭୫ ବର୍ଷରେ କଳାହାଣ୍ଡି' ଶୀର୍ଷକ ଏକ ସଂପାନରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଂପାନ ଉପ ସମିତିର ଅଧ୍ୟକ୍ଷା ତଥା ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୌଦ୍ଧିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ସଦର ବ୍ଲକ ବିଡିଓ ଚନ୍ଦନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, କଳା ଓ ସଂସ୍କୃତି ଗବେଷକ ଡ. ପରମେଶ୍ୱର ମୁଣ୍ଡ, ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଐତିହାସିକ ଡ. ନଳିନୀକାନ୍ତ ରଣା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ବିଶିଷ୍ଟ ପନିପରିବା ଚାଷୀ କୃଷ୍ଣ ନାଗ, ମାଛଚାଷୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ଚାଷୀ ବ୍ରଜେନ୍ଦ୍ର କୁମାର ପଟଯୋଶୀ ପ୍ରମୁଖ ଜିଲ୍ଲାର କଳା, ସଂସ୍କୃତି ଓ ଇତିହାସ ତଥା ଲୋକ ପରମ୍ପରା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ।

# ପାରିକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ

ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଉପଖଣ୍ଡ ପାଇକ ପୁରୁଣାକୋଟ ସ୍ଥିତ ପାରିକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ଚାଲିଥିବା ବାଳିକା ମାନଙ୍କର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । ଓଡିଶା ସରକାରଙ୍କ ରାଜ୍ୟ ଯୁବନୀତି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ପାରିକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ବାଳିକା ମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ର ଉଦଯାପନି ଦିବସରେ ବିଦ୍ୟାଳୟର ଅଧ୍ୟକ୍ଷା ସସ୍ମିତା ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଦ୍ୟାଳୟର ଅବସର ପ୍ରାପ୍ତ ପୂର୍ବତନ ଅଧକ୍ଷ ଧିରେନ୍ କୁମାର ପାଣି ମୁଖ୍ୟ ଅତିଥିଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଉପରେ ଆଲୋଚନା କରି ଛାତ୍ରୀ ମାନେ ଆତ୍ମନିର୍ଭରଶୀଳ ହୋଇ ନିଜର ଆଗାମୀ ଭବିଷ୍ୟତ ଗଠନ କରି ସମାଜ କଲ୍ୟାଣରେ ବ୍ରତି ହେବାକୁ ଶିବିରାର୍ଥି ମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଚିନ୍ମୟ କୁମାର ସାହୁ , ଅଧ୍ୟାପିକା ସମିତା ସାହୁ , ଅନିମା ସାହୁ , ମିନା ଦଳେଇ ଉପସ୍ଥିତ ରହି ପ୍ରତ୍ୟକ ଛାତ୍ରୀ ଶୃଙ୍ଖଳିତ ଭାବେ ନିଜର କର୍ମକୁ ପ୍ରାଥମିକତା ଦେଇ ଆତ୍ମରକ୍ଷା କୌଶଳକୁ ଅବଲମ୍ବନ କରି ସମାଜରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବାକୁ ଆହ୍ୱାନ ଜଣାଇଥିଲେ ।ଏହି ଅବସର ରେ ତାଲିମ ନେଇଥିବା ସମସ୍ତ ଛାତ୍ରୀ ଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା।

# ଏସ୍. ବି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଟିଟିଲାଗଡ ( ମହାଭାରତ) ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ କନ୍ଧକେଲ ଗାଁ ଏସ୍. ବି ଖେଳ ପଡିଆ ଠାରେ ପାଞ୍ଚ ଦିନ ଧରି ଚାଲିଥିବା ଏସ୍. ବି କ୍ରିକେଟ ଟୁର୍ନାମେଣ୍ଟ ସମ୍ପୂର୍ଣ୍ଣ ହୋଇଯାଇଛି ।ଉକ୍ତ ପ୍ରତିଯୋଗିତା ରେ ଷୋହଳ ଟି ଦଳ ଅଂଶଗ୍ରହଣ କରିଥିଲେ। ଦେଓଗାଁ ଓ ପାଣ୍ଡେଲ ଦଳ ମଧ୍ୟ ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଦେଓଗାଁଦଳ ୭୦ ରନ କରିଥିବା ବେଳେ ପାଣ୍ଡେଲ ଦଳ ୭୧ କରି ବୀଜୟୀ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ପୂର୍ବତନ ଜଙ୍ଗଲ ମନ୍ତ୍ରୀ ଶ୍ରୀଯୁକ୍ତ ସୁରେନ୍ଦ୍ର ସିଂ ଭୋଇ ,ସଇଁତଲା ବ୍ଲକ ଉପାଧକ୍ଷ ଗୁଣସାଗର ମାଝୀ ସମାଜ ସେବୀ ଭୀଷ୍ମ ସାହୁ ସାମ୍ବାଦିକ ଶୁଶାନ୍ତ ମେହେର , ଟିକେଲାଲ ମେହେର ଆତିଥ୍ୟ ଗ୍ରହଣକରିଥିଲେ। ବୀଜୟୀ ପାଣ୍ଡେଲ ଦଳକୁ ଟ୍ରଫି ସହ ପୁରସ୍କାରରାଶି ଓ ରନର୍ସଦଳ ଦେଓଗାଁ ଦଳକୁ ମଧ୍ୟ ଟ୍ରଫିସହ ପୁରସ୍କାର ରାଶିପ୍ରଦାନକରିଥିଲେ । ନିହାର ମିଶ୍ର ଓ ହିମାଂସୁ ପାତ୍ର ଖେଳ ପରିଚାଳନା କରିଥିବା ବେଳେ ଆକାଶ ପାତ୍ର ସ୍କୋରବୋର୍ଡ ଓ ଭିମ ଧାରା ବିବରଣି ପ୍ରଦାନ କରିଥିଲେ।

# ମହା ସମାରୋହ ସହ ଉଦଯାପନ ହେଲା ନବରଙ୍ଗପୁରର ପୁଷ୍ ପୁନେଇ ପରବ ୨୦୨୫

ନବରଙ୍ଗପୁର(ମହାଭାରତ) : ନବରଙ୍ଗପୁର ଜିଲ୍ଲା ସଦର ମହକୁମା ପୋଲିସ ପଡିଆ ଠାରେ ତିନି ଦିନ ଧରି ଚାଲିଥିବା ପୁଷ୍ ପୁନି ପରବ ୨୦୨୫ ମହା ସମାରୋହରେ ଉଦଯାପନୀ ହୋଇଯାଇଛି। ପ୍ରାଚୀନ ଇତିହାସ ରେ ପୁଷ ପୁନେଇ ପରବରେ ସମଗ୍ର ଉତ୍କଳ ରେ ଖ୍ୟାତି ଅର୍ଜନ କରିଥିଲା । ପ୍ରକାଶଥାଉକି, ଏହି ପ୍ରାଚୀନ ଅଞ୍ଚଳ କନ୍ଧ, ପରଜା, ସଉରା, ଭତରା ପ୍ରଭୃତି ଜନ ଜାତି କୁ ନେଇ ପୁଷ ପୁନେଇ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ସାଧାରଣ ବର୍ଗଙ୍କ ସାମାଜିକ ଜୀବନରେ ଏହାର ପ୍ରଭାବ ଓ ପରମ୍ପରା ଜାଗୃତି ହୋଇଥିଲା । ପୂର୍ବ ପୁରୁଷ ଠାରୁ ଏହି ପୁଷ ପୁନି ପରବ ତଥା ଭେଟଘାଟ ପାଳନ ହୋଇ




ଆସୁଅଛି ଗାଁ ଦାଣ୍ଡରେ ନିଜ ଆଦିବାସୀ ପରମ୍ପରା ଏବଂ ନୀତି ରେ ପାଳନ କରାଯାଇଥାଏ ପୁଷ ପୁନି ଭେଟଘାଟ କିନ୍ତୁ ଆଜି ଗାଁ ରୁ ସହରରେ ମଧ ପୁଷ୍ ପୁନି ଭେଟଘାଟ ପାଳନ କରାଯାଉଛି ରାଜ୍ୟ ରେ ବର୍ଷ ତମାମ ଅନେକ ପର୍ବ ପାଳନ କରାଯାଇଥାଏ ତନ୍ମଧ୍ୟରୁ ପୌଷ ପୁର୍ଣିମା ତଥା ପୁଷ୍ ପୁନେଇ ଅନ୍ୟତମ କୃଷି ଭିତ୍ତିକ ଏହି ପର୍ବ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ର ଏକ ମହାନ ପର୍ବ ଧାନ ଅମଳ ପରେ ଏହି ପର୍ବ ପାଳନ କରାଯାଇଥାଏ । ବର୍ଷ ଯାକର କଷ୍ଟ ଉପାର୍ଜିତ ଧାନ ଘରକୁ ଆଣିବା ଖୁସି ରେ ଚାଷୀ ଏହି ପୁଷ୍ ପୁନି ପାଳନ କରିଥାଏ ଗ୍ରାମା□ଳ ରେ ପୁଅ ଝିଅ ମାନେ ଘର ଘର ବୁଲି ଛେର ଛେରା ମାଗିଥାନ୍ତି। ମିଳିଥିବା ସେହି ଟଙ୍କା ଓ ଚାଉଳ କୁ ନେଇ ଗାଁ ଦାଣ୍ଡ ରେ ଭୋଜିଭାତ ର ଆୟୋଜନ କରି ଆସର ଜମାଇଥାନ୍ତି ଚଳିତବର୍ଷ ପୁଷ୍ ପୁନେଇ-୨୦୨୫ ନବରଙ୍ଗପୁର ଠାରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ସହ ଆଦିବାସୀ ଭାଷା ଭିତ୍ତିକ ପୁଷ ପୁନି ସମ୍ବନ୍ଧୀୟ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ସ୍ୱର୍ଣଲତା ପଟନାୟକ ଏବଂ ମନୋରମା ମାଝି ସଂଯୋଜନା କରିଥିଲେ ବିଭିନ୍ନ କ୍ଷେତ୍ର ରେ ପାରଦର୍ଶୀକତା ଲାଭ କରିଥିବା କୃତୀ ବ୍ୟକ୍ତି ମାନଙ୍କୁ ମାନ ପତ୍ର ଏବଂ ଉପଢୌକନ ଦେଇ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା ପୁଷ୍ ପୁନି କମିଟି ର ଆବାହକ ମୁନା ତ୍ରିପାଠୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଜୟପୁର ତାରା ପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ ଡାବୁଗାଁ ମନହୋର ରନ୍ଧାରୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ପୂର୍ବତନ ରାଜ୍ୟ ସଭା ସାଂସଦ ଭଗବାନ ମାଝି, ମାନନୀୟ ପୌରାଧକ୍ଷ କୁନୁ ନାୟକ, ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ନାୟକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜରୁରୀ କାଳୀନ ବିଭାଗ ହିମାଂଶୁ ଶେଖର ପଟନାୟକ, କାଦମ୍ବିନୀ ତ୍ରିପାଠୀ, ଗୁପ୍ତ ନାରାୟଣ ଷଡଙ୍ଗୀ, ଅର୍ଜୁନ ଭତରା,ଦେବଦାସ ମହାଙ୍କୁଡ, ଡଃ ବିଜୟ ମିଶ୍ର, ମନୋରମା ମାଝୀ, ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ରତନ ମାଝୀ, ପୌରାଞ୍ଚଳ କାଉନସିଲର, ବୁଦ୍ଧିଜୀବୀ,ବିଭିନ୍ନ ସମାଜର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଆଦିବାସୀ ସଂସ୍କୃତିର କଳା ପ୍ରଦର୍ଶନ ରେ ଜନସାଧାରଣ ଭରପୁର ଆନନ୍ଦ ଲାଭକରିଥିଲେ। ଇଞ୍ଜିନିୟର ଚନ୍ଦନା ମଲ୍ଲିକ ଏବଂ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ଭାରତ ସରକାରଙ୍କ ପି ଏମ ସୂର୍ଯ୍ୟଘର ଯୋଜନା



ଦେବଗଡ଼(ମହା ।ରତ):ସ୍ଥାନୀୟ ଜ଼ିଲ୍ଲାପାଳ ଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ କେନ୍ଦ୍ର ସରକାରଙ୍କ ତରଫରୁ ପିଏମ ସୂର୍ଯ୍ୟଘର ଯୋଜନା ଟିପିଡବ୍ଲୁଓ ବିଭାଗ ପକ୍ଷରୁ ଜ଼ିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକରେ ଅନୁଷ୍ଠିତ ହୋଇଯାଇଛି । ଦେବଗଡ଼ ଜ଼ିଲ୍ଲାର ତିନି ବ୍ଲକ ରେ ପିଏମ ସୂର୍ଯ୍ୟଘର ଯୋଜନା ରେ କିପରି ଲୋକ ମାନେ ସୋଲାର ଲଗାଇ ଲାଭବାନ ହେବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଦେବଗଡ଼ ଜ଼ିଲ୍ଲା ରେ ଲୋକ ମାନଙ୍କ ସୁବିଧା ପାଇଁ ଏହି ଯୋଜନା କାର୍ଯ୍ୟ କରାଯିବା ପାଇଁ ପ୍ରତି ବ୍ଲକ ଓ ପଂଚାୟତ ମାନଙ୍କରେ ସାଧାରଣ ସଭା କରାଯାଇ ଲୋକ ମାନଙ୍କୁ ସଚେତନତା କରାଯିବାୟ ବୈଠକରେ ଜ଼ିଲ୍ଲାପରିଷଦ ସଭ୍ୟା ରିଆମାଳ ବାସନ୍ତୀ ବେହେରା, ବ୍ଲକ ଅଧ୍ୟକ୍ଷା ତିଳେଇବଣି ବୃନ୍ଦାବତୀ ଭୋଇ, ବ୍ଲକ ଅଧ୍ୟକ୍ଷ ରିଆମାଳ ମଧୁସୂଦନ ପ୍ରଧାନ, ସୁପାରିଟେଣ୍ଡେଣ୍ଟ ଇଞ୍ଜିନିୟର ଶ୍ରୀନିବାସ ସ୍ୱାଇଁ, ର୍ନିବାହୀ ଯନ୍ତ୍ରୀ ଟିପିଡବ୍ଲୁଓ ରାଜୁ ସାହା ଓ ବିଭିଉ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ଙ୍କ ରଥଚକ କାକଟପୁର ଆସିବା ପାଇଁ ଦସ୍ତଖତ ଅଭିଯାନ



କାକଟପୁର(ମହାଭାରତ) : କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା କେବଳ କାକଟପୁର ରୁ ନୁହନ୍ତି ବରଂ ସେ ହେଉଛନ୍ତି ସାରା ସଂସାର ର, ବିଶ୍ୱନିୟନ୍ତା ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନବକଳେବର ସମୟ ରେ ମା ମଙ୍ଗଳା ଙ୍କ ଆଦ୍ୟ ପୀଠ ଦେଉଳି ମଠ ରେ ଦଇତାପତି ମାନେ ନିଷ୍ଠା ର ସହ ରୁହନ୍ତି ଆଉ ମା ଙ୍କ ମନ୍ଦିର ରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ପରେ ସ୍ୱପ୍ନାବତୀ ମନ୍ତ୍ର ପାଠ ହୁଏ ଆଉ ମା ଙ୍କ କରୁଣା ରୁ ଆଜ୍ଞାମାଳ ଆସେ ତତପରେ ଦଇତାପତି ମାନେ ଚତୁର୍ଥା ମୂର୍ତ୍ତି ଙ୍କ ଦାରୁ ଅନେଶଣ ରେ ବାହାରିଯାନ୍ତି। କିନ୍ତୁ ଦୁଃଖ ଓ ଦୁର୍ବିପାକ ର କଥା ଏହି ସ୍ଥାନ ରେ ଆଜି ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀ ଜଗଗ୍ରାଥ ବଳଭଦ୍ର ଦେବୀ ସୁଭଦ୍ରା ଙ୍କ ରଥଚକ ନାହି, ଶ୍ରୀ ଜଗଗ୍ରାଥ ଓ ମା ମଙ୍ଗଳା ଙ୍କ ରୀତିକାନ୍ତି ଓ ପରମ୍ପରା ବୈଷ୍ଣବ ଓ ଦୁର୍ଗାମାଧବ ଉପାସନା ସହିତ ଜଡିତ, ସେଥିପାଇଁ ମା ଙ୍କ ଆଦ୍ୟ କ୍ଷେତ୍ର କୁ ଜଗଗ୍ରାଥ ଙ୍କ ଏନ୍ତୁଡ଼ିଶାଳ କୁହାଯାଏ, ଆଉ ମା ହେଉଛନ୍ତି ଆଦ୍ୟ ଯାହାକୁ ଶ୍ରୀ ଜୀଉ ମାନଙ୍କ ଜନ୍ମଦାତ୍ରୀ ରୂପେ ଶାକ୍ତ ଭକ୍ତ ମତଦାନ ଦିଅନ୍ତି, ସେଥିପାଇଁ କିଛି ଦିନ ତଳେ ଅନ୍ତରଙ୍ଗ କାକଟପୁର ର କିଛି ସାମ୍ବାଦିକ ବୁଦ୍ଧିଜୀବୀ ମାନେ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ଦେବା ସହ ନୀତିଆୟୋଗ ଙ୍କ ସହ ଆଲୋଚନା କରିଥିଲେ, ନୀତି ଆୟୋଗ ସ୍ପଷ୍ଟ ମନା କରିଥିଲେ ବର୍ତ୍ତମାନ ରଥ ଚକ ନାହି, ସେଥିପାଇଁ ଆସନ୍ତା ରଥଯାତ୍ରା କୁ ବିଚାର କରାଯିବ, ଏହି ଘଟଣା କୁ ଦୃଷ୍ଟି ରେ ରଖି ପୁରୀ ଜିଲ୍ଲା ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବହୁମୁଖୀ ଯୁବ ସମିଳିତ ଚାରିଟେବୁଲ ଟ୍ରଷ୍ଟ ଆଜି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ଲେଖିବା ସହ ମା ମଙ୍ଗଳା ଙ୍କ ମନ୍ଦିର ରେ ସେବାୟତ ମାନଙ୍କ ସହିତ ଆଲୋଚନା କରି ଏକ ବିଶାଳ ଦସ୍ତଖତ ଅଭିଯାନ ଆରମ୍ଭ କରିଥିଲେ।ମା ଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳୋନ କରି ମା ଙ୍କ ଦର୍ଶନ କରି ଏହି ଅଭିଯାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ସଭାପତି ସୁଶାନ୍ତ କୁମାର ପରିଡା ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ ଓ ସେବାୟତ ତାପସ ରଞ୍ଜନ ଦୀକ୍ଷିତ ସାମିଲ ହୋଇଥିଲେ। ଆଗାମୀ ଦିନରେ ଯଦି ମା ଙ୍କ କ୍ଷେତ୍ର ଓ ଦେଉଳିମଠ। ମାଳଦା ସୁଭଦ୍ରା ଙ୍କ ଦାରୁ କ୍ଷେତ୍ର କୁ ରଥଚକ ନଦିଆଯାଏ ତାହେଲେ ଟ୍ରଷ୍ଟ ତରଫରୁ ଏକ ପଦଯାତ୍ରା କାକଟପୁର ମଙ୍ଗଳା ମନ୍ଦିର ରୁ ପୁରୀ ଅଭିମୁଖେ ବାହାରିବା ସହ ଶ୍ରୀ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଟ୍ରଷ୍ଟ ତରଫରୁ ଚେତାବନୀ ଦିଆଯାଇଛି ।

## ଗୌଡ଼ ଗୋଠ ଗ୍ରାମରେ ଲକ୍ଷାଧିକ ଟଙ୍କାର ଧାନ ଫସଲ ପୋଡି



ଆସିକା(ମହାଭାରତ): ଆସିକା ବ୍ଲକ ଅଧୀନ ଖଣ୍ଡଦେଉଳି ପଞ୍ଚାୟତ ଅଧୀନ ଗୌଡ଼ ଗୋଠ ଗ୍ରାମରେ ଅମଳ ହୋଇ ଗଦା ହୋଇଥିବା ୭ଏକର ଧାନ ଗଦାରେ ନିଆଁ ଲାଗି ଭସ୍ମିଭୂତ ହୋଇଯାଇଛି। ଗ୍ରାମର ଦକ୍ଷିଣ ଦିଗ ଖଜୁରୀ ବନ୍ଧ ରାସ୍ତା କଡରେ ପିଲା ନିଆଁ ପୁଉଁ ଥିଲେ ହଠାତ ଗୌଡ଼ ଗୋଠ ଗ୍ରାମର ଋଷୀ ଭୂଷଣ ପ୍ରଧାନ ଙ୍କ ଏହି ଧାନ ଗଦାରେ ଦିନ ୧୦ଘ□। ବେଳେ ଅଚାନକ ନିଆଁ ଲାଗି ଯାଇଥିଲା। ହଠାତ ନିକଟରେ ଥିବା ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ଚେଷ୍ଟା କଲେ ମଧ ନିଆଁ ବ୍ୟାପି ଯାଇଥିଲା। ଶେଷରେ ଆସିକା ଦମକଳ ବାହିନୀ ଆସି ନିଆଁ ଲିଭାଇ ଥିଲା। ନଳବଣ୍ଟା ରାଜସ୍ୱ ନିରୀକ୍ଷକ ଆସି ତଦନ୍ତ କରି ଫେରିଛନ୍ତି।

## ଆରବିଆଇ ପ୍ରାକ୍ତନ ଅଧିକାରୀ ସୁଶାନ୍ତ କରଙ୍କ ପରଲୋକ

ସମ୍ବଲପୁର :-(ମହାଭାରତ): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପ୍ରାକ୍ତନ ଅଧିକାରୀ ଡଃ ସୁଶାନ୍ତ କୁମାର କରଙ୍କ ମୁମ୍ବାଇର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଅପରାହ୍ଣରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ସମ୍ବଲପୁରର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଲେନ ନିବାସୀ ଶିକ୍ଷାବିତ୍ ସ୍ୱର୍ଗତ ବାଳକୃଷ୍ଣ କରଙ୍କ ପୁଅ ସୁଶାନ୍ତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ଗଙ୍ଗାଧର ମେହେର କଲେଜରେ ପାଠପଢ଼ା ପରେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓ ଏମଫିଲ ଏବଂ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରିଥିଲେ। ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟରେ ସାମୟିକ ଭାବେ ଅଧ୍ୟାପନା ପରେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ରେ ଯୋଗଦେଇ ୨୦୨୩ ମସିହା ଜୁନରେ ପ୍ରିନ୍ସିପାଲ ଚିଫ ଜେନେରାଲ ମ୍ୟାନେଜର (ପି.ସି.ଜି.ଏମ.) ଭାବେ ଅବସର ଗ୍ରହଣ କରିଥିଲେ। ଆରବିଆଇରେ ମହାରାଷ୍ଟ୍ରର ବ୍ୟାଙ୍କିଙ୍ଗ ଲୋକପାଳ (ଓମବଡ୍ସମ୍ୟାନ) ଥିବାବେଳେ ସାଇବର ଅପରାଧ ସଚେତନତା ପୁସ୍ତକ ପ୍ରସ୍ତୁତିରେ ତାଙ୍କ ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ଗଳ୍ପ ସଂକଳନ 'ମାନସହଂସ' ସହିତ ଅନେକ ପ୍ରବନ୍ଧ ବିଭିନ୍ନ ଜାତୀୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ତାଙ୍କ ପଛରେ ସ୍ତ୍ରୀ ଆରବିଆଇର ର୍ନିବାହୀ ନିର୍ଦ୍ଦେଶିକା (ଏକଜିକ୍ୟୁଟିଭ ଡିରେକଟର) ଚାରୁଲତା କର ଓ ଝିଅ ଅନନ୍ୟା ଅଛନ୍ତି। ମୁମ୍ବାଇର କ୍ରିମେଟୋରିଅମରେ ଆସନ୍ତାକାଲି ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

## ପକ୍ଷୀ ଗଣନା କୁ ନେଇ ମକଡ୍ରିଲ ସହ ସଚେତନତା କାର୍ଯ୍ୟକ୍ରମ



ଖଡ଼ିଆଲ:(ମହାଭାରତ) ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବନ ବିଭାଗ ତରଫରୁ ଆସନ୍ତା ୧୮ ତାରିଖ ରେ ହେବାକୁ ଥିବା ପକ୍ଷିଗଣନା କାର୍ଯ୍ୟକ୍ରମ ପାଇଁ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ (ତିଖାଳୀ) ଠାରେ ମକଡ୍ରିଲ୍ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଡ଼ିଆଲ ଏସିଏଫ ପ୍ରସନ୍ନଜିତ ନାଏକ ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଖଡ଼ିଆଲ ରେଞ୍ଜର ଜୟଦେବ ମାଝୀ, ମହାଦେବ ବନ୍ଦୀଛୋର, ସୁଦାମ ବାଗ, ଶିବରାମ ପଟେଲ, ରାଜେଶ ହରିଜନ, ଖଗେଶ୍ୱର ମାଝୀ, ଘନଶ୍ୟାମ ଶବର, ନରେଶ ଦଣ୍ଡସେନା,ପ୍ରଶ୍ନ ହଂସ ଙ୍କ ସମେତ ସମସ୍ତ ଫରେଷ୍ଟର ଓ ବନ ସୁରକ୍ଷା କର୍ମୀ ଉପସ୍ଥିତ ରହିଥିଲେ ।ଏହି କାର୍ଯ୍ୟକ୍ରମ ରେ କିପରି ଭାବରେ ପକ୍ଷୀ ଗଣନା କରାଯିବ, ପକ୍ଷୀ ର ସୁରକ୍ଷା, କେତେ ପ୍ରକାର ପକ୍ଷୀ ଅଛନ୍ତି। ସେମାନଙ୍କ ସୁରକ୍ଷା ସହ ପରିବେଶ ସନ୍ତୁଳନ ଉପରେ ଉପସ୍ଥିତ ଅଧିକାରୀ ମାନେ ଉପସ୍ଥିତ ଛାତ୍ରଛାତ୍ରୀ , ବୁଦ୍ଧିଜୀବୀ ସ୍ଥାନୀୟ ନାଗରିକ ଙ୍କୁ ବୁଝାଇଥିଲେ । ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆସନ୍ତା୧୮ତାରିଖ ରେ ଥିବା ବେଳେ ଖଡ଼ିଆଲ ରେଞ୍ଜ ପକ୍ଷ ରୁ ନଅ ଗୋଟି ଟିମ ତିଆରି କରି ସମସ୍ତ ପ୍ରସ୍ତୁତି ଶେଷ ହୋଇ ଯାଇଛି , ଲୋକେ କିଭଳି ଆହୁରି ସଚେତନ ହୋଇ ପାରିବେ ସେଥି ପାଇଁ ଗଣମାଧ୍ୟମ ର ଭୂମିକା ଆହୁରି ଗୁରୁ ପୂର୍ଣ୍ଣ ତେଣୁ ଲୋକଙ୍କୁ ସଚେତନ କରିବା ପାଇଁ ଗଣମାଧ୍ୟମ ମଧ୍ୟ ଆଗକୁ ଆସିବା ଜରୁରୀ ବୋଲି ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଖଡ଼ିଆଲ ଏସିଏଫ କହିଥିଲେ ।

## 'ଏଡସ୍ ମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ'



କନ୍ଧମାଳ:(ମହାଭାରତ):ଫୁଲବାଣୀ, ବର୍ତ୍ତମାନ ସମୟରେ ସାମାଜିକ ଜୀବନରେ ପରିବର୍ତ୍ତନ ଦେଖାଯାଉଥିବାରୁ ପାରିବାରିକ ସଂପର୍କ ଓ ଯୌନ ଜୀବନ ଉପରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହେଉଛି । ପରିବାର ଠାରୁ ଦୂରରେ ରହି କାର୍ଯ୍ୟକରିବା, ବିଶୃଙ୍ଖଳିତ ଯୌନ ଜୀବନ ଓ ସଂପର୍କ ଯୋଗୁଁ ଏବଂ ଅଶୋଧିତ ରକ୍ତଗ୍ରହଣ ଆଦି ଯୋଗୁଁ ଏଡ୍ସ ପରି ମହାମାରୀ ଓ ବିଭିନ୍ନ ଯୌନରୋଗ ବ୍ୟାପିବାରେ ଲାଗିଛି । ଏହାକୁ ନିୟନ୍ତ୍ରଣ କରି ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ବ୍ୟାପକ ସଚେତନତା ଓ ସଂଜମୀ ଜୀବନର ଆବଶ୍ୟକ ରହିଛି । ସନ୍ଦେହରେ ରହୁଥିବା ସଂକ୍ରମିତ ବ୍ୟକ୍ତିମାନେ ଏହାକୁ ଗୋପନ ନରଖି ନୀୟମିତ ଡାକ୍ତରୀ ପରାମର୍ଶ ଓ ଔଷଧ ସେବନ କଲେ ସାଧାରଣ ଜୀବନ ବଂଚିପାରିବେ ବୋଲି ସ୍ୱାତୀର ବାର୍ଷିକ ବନ୍ଧୁ ମିଳନରେ ଉପସ୍ଥିତ ବୁଦ୍ଧିଜୀବିମାନେ ମତ ଦେଇଛନ୍ତି । ଗତ ୧୫ ତାରିଖରେ ସ୍ୱାତୀ ଅନୁଷ୍ଠାନର ଲକ୍ଷ୍ୟଭେଦୀ ପ୍ରକଳ୍ପ ଓ ସ୍ୱାସ୍ଥ୍ୟ ପ୍ରକଳ୍ପ ତରଫରୁ ଆୟୋଜିତ ବାର୍ଷିକ ବନ୍ଧୁମିଳନ ଫୁଲବାଣୀ ନିକଟସ୍ଥ ତୁଡିପାଜୁର ପ୍ରାକୃତିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ସହ ସଡକ ସୁରକ୍ଷା ଓ ସଚେତନତା ସଂପର୍କରେ ଆଲୋଚନା ହୋଇଥିଲା । ଏହି ଶିବିରରେ ଜିଲ୍ଲା ପରିବହନ ଅଧିକାରୀ ଶିଶିର କୁମାର ସାହୁ, ବରିଷ୍ଠ ଆଇନଜିବୀ ବିଜୟକୃଷ୍ଣ ପଟ୍ଟନାୟକ, ଗୁଞ୍ଜ ର ରାଜ୍ୟ ସଂଯୋଜକ ସୁରେଶ କୁମାର, ଜିଲ୍ଲା ଶିଶୁ ଅଧିକାରୀ ରଶ୍ମିତା କରଣ, ଜିଲ୍ଲା ଶିଶୁ ମଙ୍ଗଳ ସଦସ୍ୟା ମମତା ଦାସ, ଜିଲ୍ଲା ସ୍ୱାସ୍ଥ୍ୟ ରୁ ଦେବାସିଶ ମିଶ୍ର, ଗୋବିନ୍ଦ ଚନ୍ଦ୍ର ଜେନା, ମାଳତୀ ବେହେରା , ଗଣମାଧ୍ୟମ ପ୍ରତିନିଧୀ ପ୍ରଶାନ୍ତ ବେହେରା, ଅଶୋକ ମହାନ୍ତି, ଅଜିତ ମହାରଣା, ଜୟସେନ ପରିଡା, ବ୍ରଜ ନନ୍ଦ ଙ୍କ ସହିତ ବହୁ ବୁଦ୍ଧିଜିବି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ରେ ସ୍ୱାତୀ ର ଅଧକ୍ଷ ପ୍ରଶାନ୍ତ ଶତପଥି ,ସଂପାଦକ ଇଂ ହରିଶଙ୍କର ରାଉତ ଓ ଶାନ୍ତନୁ ମିଶ୍ର ଙ୍କ ଅଧକ୍ଷତା ରେ ପରିଚାଳନା କରାଯାଇଥିଲା ।ବିଶ୍ୱରଞ୍ଜନ କର, ଆଲୋକ ସାମନ୍ତରାଏ,ପ୍ରଭାତ ଦାସ, ଶଶ୍ମିତା ବେହେରା ପରିଚାଳନା ରେ ସହଯୋଗ କରିଥିଲେ ।

## ଖତ ଗଦା ପାଲଟିଛି ଅମ୍ଡ୍ରୋ ପ୍ରାଣୀ ସମ୍ପଦ ଗୃହ



ହାଟଡିହ(ମହାଭାରତ): ହାଟଡିହି ବ୍ଲକ ରେ ଥିବା ପ୍ରାଣୀ ଓ ପଶୁ ପାଳନ ବିଭାଗ ରେ ଅଭାବୀ ନିଯୁକ୍ତି ରହିଥିବାରୁ ଖତ ଗଦା ପାଲଟିଛି ଆମ୍ଡ୍ରୋ ପଶୁ ପାଳନ ଅଫିସ ଗୃହ। ପୂର୍ବ ସରକାର ଙ୍କ ସମୟ ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟାଳୟ ରେ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀ ନିଯୁକ୍ତି ହୋଇନଥିବା ବେଳେ କେବଳ ଗୃହ ର୍ନିମାଣ କରିବା ପରେ ଅଫିସ କାମ ସରି ଯାଇଥିଲା। ତାହା ଛଡା ଏହି ବିଭାଗ ର କର୍ମଚାରୀ ଅଭାବୀ ରାଜ୍ୟ ପଶୁ ସମ୍ପଦ ବିଭାଗ ର ଆଖି ବନ୍ଦ କରି ରଖିଛି। ହାଟଡିହି ବ୍ଲକ ର ଆମ୍ଡ୍ରୋ ପଞ୍ଚାୟତ ଟି ବ୍ଲକ ମୁଖ୍ୟାଳୟ ରୁ ପାଖା ପାଖି ୧୨ କିଲୋମିଟର ହୋଇଥିବା ବେଳେ ଲୋକେ ପଶୁ ସମ୍ପଦ ଜନିତ ସମସ୍ୟା ସମାଧାନ କରିବାକୁ ଆସିପରୁ ନଥିବାରୁ ସେଠାରେ ପଞ୍ଝୁ ଗୋଛିଆ ଏଲାଇ ବିଷ୍ଣୁ ପ୍ରସାଦ ବରାଳ ଚାର୍ଜ ରେ ରହିଛନ୍ତି। ଏହି ସୂଚନା ଅତିରିକ୍ତ ପଶୁ ସମ୍ପଦ କର୍ମଚାରୀ ସ୍ମରଣିକା ବିଶ୍ୱାଳ ଦେଇଥିଲେ। ଏହି ବିଷୟ ଆମ୍ଡ୍ରୋ ସରପ□ ଙ୍କ ପ୍ରତିନିଧି ପଚାରିବାରୁ ଏହା ଆରମ୍ଭ ରୁ ଖୋଲୁ ନାହିଁ ବୋଲି ସୂଚନା ଦେଇଛନ୍ତ।

## ଡିଆନାଳୀରେ ଟୁସୁ ମହାମିଳନ ମହୋତ୍ସବ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳୀ ଠାରେ ଟୁସୁ ମହାମିଳନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଟୁସୁ ମହୋତ୍ସବ ରେ ଜିଲ୍ଲା ର କୋଣ ଅନୁକୋଣ ରୁ ଟୁସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏଥିରେ ୧୧ଟି ଟୁସୁ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। ଟୁସୁ ମହୋତ୍ସବ କମିଟି ପକ୍ଷ ରୁ ବିଭିନ୍ନ ଟୁସୁ ମେଢ଼ କୁ ପରିଦର୍ଶନ କରି ଭଲ ଟୁସୁ ମେଢ଼ ଚୟନ କରାଯାଇ ଥିଲା । ଟୁସୁ ମହାମିଳନ ମହୋତ୍ସବ କମିଟି ପକ୍ଷ ରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ରିମୂଳି ସରପ□ ଅମୃତି ମୁଣ୍ଡା,ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ମହାନ୍ତ, ଶିକ୍ଷକ ଖଗେଶ୍ୱର ମହାନ୍ତ ଯୋଗଦାନ କରିଥିଲେ। ସମ୍ମାନିତ ଡିଆନାଳୀ ଗ୍ରାମର ପ୍ରଧାନ ରମେଶ ଚନ୍ଦ୍ର ମହାନ୍ତ,ଯୁବ ସାମ୍ବାଦିକ ବିଜୟ କୁମାର କାରୁଆ,ଅସର ପ୍ରାପ୍ତ ସେନା ଅଧିକାରୀ ଅର୍ଜୁନ ଚରଣ ମହାନ୍ତ ଉପସ୍ଥିତ ଥିଲେୟ ଟୁସୁ ମହୋତ୍ସବ କମିଟି ପକ୍ଷ ରୁ ଭଲ ଟୁସୁ ମେଢ଼ ଚୟନ ରେ ପ୍ରଥମ ସ୍ଥାନ ମୂଷାଖୋରୀ ମାଁ ବାସୁଳି ଟୁସୁ ମେଢ଼ ଓ ଦ୍ୱିତୀୟ ସ୍ଥାନ ଝାଲିଆପଡା ମହାନ୍ତ ସାହି ଏବଂ ତୃତୀୟ ସ୍ଥାନ ସୁଦୁର ମୟୁରଭଞ୍ଜ ଗୌଡ଼ଗାଁ କୁସପଦା ଙ୍କୁ ଅତିଥି ଙ୍କ ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ଥିବା ବେଳେ ଅନ୍ୟ ୯ଟି ଟୁସୁ ମେଢ଼ ପ୍ରତିଯୋଗି ମାନଙ୍କୁ ସାନ୍ତନା ମୂଳକ ଭାବେ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ କୁ ତ୍ରିନାଥ ମହାନ୍ତ ପରିଚାଳନା କରିଛି । ଏହି ଟୁସୁ ମହାମିଳନ ମହୋତ୍ସବ ରେ ହଜାର ହଜାର ଲୋକ ଙ୍କ ସମାଗମ ଦେଖିବାକୁ ମିଳିଛି।

## ପ୍ରକଳ୍ପ ପାଇଁ ବିସ୍ଥାପିତ ହେବାକୁ ଥିବା ବସ୍ତିବାସିନ୍ଦାଙ୍କ ପାଖରେ ପହଞ୍ଚିଲେ ଜଗତସିଂହପୁର ସାଂସଦ



ପାରାଦୀପ(ମହାଭାରତ): ଏସାର ପେଲେଟ ପ୍ଲାଣ୍ଟ ନିର୍ମାଣ ହେବାକୁ ଯାଉଥିବା ବାଉରିଆପାଳନ୍ଦା ଅଞ୍ଚଳର ବିସ୍ଥାପିତ ହେବାକୁ ଯାଉଥିବା ବସ୍ତି ବାସିନ୍ଦାଙ୍କ ପାଖରେ ପହଞ୍ଚିଛନ୍ତି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ । ବାଉରିଆପାଳନ୍ଦା ବସ୍ତି ବାସିନ୍ଦା ଙ୍କୁ ଥଇଥାନ କରାଯିବାକୁ ପିପିଏଲ ଛକ ନିକଟରେ ରହିଥିବା ସ୍ଥାନ ପରିଦର୍ଶନ କରିବା ପରେ ବାଉରିଆପାଳନ୍ଦା ମାର୍କେଟ ରେ ବସ୍ତି ବାସିନ୍ଦା ମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି ସାଂସଦ ବିଭୁ ପ୍ରସାଦ ତରାଇ । ବାଉରିଆପାଳନ୍ଦା ବସ୍ତିରେ ବସବାସ କରୁଥିବା ବସ୍ତି ବାସିନ୍ଦା ପ୍ରାୟତଃ ଆଦିବାସୀ ଓ ଶ୍ରମିକ ଶ୍ରେଣୀର ଲୋକ। ଏହି ଅଞ୍ଚଳରେ ଏସାର ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଥିବା ବେଳେ ଏମାନଙ୍କୁ ସ୍ଥାନାନ୍ତର କରିବାକୁ ପାରାଦୀପ ବନ୍ଦର ତରଫରୁ ପିପିଏଲ ଛକ ନିକଟରେ ପ୍ଲଟ ର ବନ୍ଦୋବସ୍ତ କରାଯିବା ସହିତ ଏମାନଙ୍କୁ ଥଇଥାନ କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି । ହେଲେ ଯେଉଁ ପ୍ଲଟ ବ□ନ କରାଯାଇଛି ଏଥିରେ ବସ୍ତି ବାସିନ୍ଦା ଅସନ୍ତୁଷ୍ଟ ହୋଇପଡିଛନ୍ତି । ଯେଉଁ ପ୍ଲଟ ମିଳିଛି ସେଥିରେ ଗୋଟିଏ ପରିବାର ଚଳିବା ପାଇଁ ଯୋଗ୍ୟ ନୁହେଁ, ଏହା ସହିତ ପ୍ଲଟ ମଝିରେ ରହିଥିବା ରାସ୍ତା ସମ୍ପୂର୍ଣ ସଂକୀର୍ଣ୍ଣ ହୋଇଥିବା ବେଳେ ସାଇକେଲ ଯାତାୟାତ କରିବା କଷ୍ଟକର । ବାଉରିଆପାଳନ୍ଦା ବସ୍ତି ମଝିରେ ରହିଥିବା ବଜାର ର ବ୍ୟବସାୟୀ ମାନଙ୍କୁ ଦିଆଯାଇଥିବା ପ୍ଲଟ ବ୍ୟବସାୟ ପାଇଁ ଯୋଗ୍ୟ ନୁହେଁ ବୋଲି କିଛି ବ୍ୟବସାୟୀ ସାଂସଦ ଙ୍କ ନିକଟରେ ଅଭିଯୋଗ କରିବା ପରେ ଆଜି ସାଂସଦ ସମ୍ପୂର୍ଣ୍ଣ ସ୍ଥାନ ବୁଲିବା ସହିତ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରି ଶାନ୍ତିପୂର୍ଣ ଭାବରେ କିପରି ଏହାର ସମାଧାନ କରାଯିବ ଏନେଇ ବସ୍ତି ବାସିନ୍ଦାଙ୍କୁ ପ୍ରତିଶୃତି ଦେଇଛନ୍ତି । ବଜାର ପାଇଁ ଯେଉଁ ସ୍ଥାନ ଦିଆଯାଇଛି ତା ପରିବର୍ତ୍ତେ ଥଇଥାନ କରାଯିବାକୁ ଥିବା ପ୍ଲଟ ସମ୍ମୁଖରେ ରହିଥିବା ସ୍ଥାନକୁ ଯଦି ଦିଆଯାଏ ତେବେ ବ୍ୟବସାୟୀ ମନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି ସାଂସଦ । ଏହାଛଡା ବିସ୍ଥାପିତ ବସ୍ତିବାସିନ୍ଦା ମାନଙ୍କୁ ପାନୀୟ ଜଳ, ବିଦ୍ୟୁତ ଓ ରାସ୍ତାଘାଟ ର ସୁବିଧା ଯୋଗାଇଦେବାକୁ ପାରାଦୀପ ବନ୍ଦର ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ସହିତ ବସ୍ତିବାସିନ୍ଦା ଙ୍କ କମିଟି ଉପସ୍ଥିତିରେ ଏହି ବିଷୟରେ ଆଲୋଚନା କରାଯାଇ ଯଥାଶୀଘ୍ର ବିସ୍ଥାପିତ ହେବାକୁ ଥିବା ବାଉରିଆପାଳନ୍ଦା ବାସିନ୍ଦାଙ୍କ ସମସ୍ୟା ଶାନ୍ତିପୂର୍ଣ ଭାବରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ଲୋକମାନଙ୍କୁ ପ୍ରତିଶୃତି ଦେଇଛନ୍ତି ସାଂସଦ ବିଭୁପ୍ରସାଦ ତରାଇ ।

## ଖୁଣ୍ଟି ପାଣି ରେ ମକର ମହୋତ୍ସବ



ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ପୌର ପାଳିକା ଅନ୍ତର୍ଗତ ୧୩ ନଂ ୱାର୍ଡ ସ୍ଥିତ ଖୁଣ୍ଟପାଣି ଠାରେ ଆୟୋଜିତ ମକର ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇ ଯାଇଛି । ୧୪ ତାରିଖ ରୁ ଆରମ୍ଭ ହୋଇ ଥିବା ଏହି ମକର ମହୋତ୍ସବ ରେ ନିକଟରେ ଥିବା ବିଭିନ୍ନ ଗ୍ରାମ ର ଶହ ଶହ ଲୋକଙ୍କ ସମାଗମ ହୋଇଥିଲା । ବିଶେଷ କରି ମହିଳା ମାନଙ୍କ ପାଇଁ ବିଭିଉ କ୍ରୀଡା ପ୍ରତିଯୋଗିତା ର ଆୟୋଜନ କରାଯାଇ ଥିଲା। ଝୋଟି ପ୍ରତିଯୋଗିତା,ପୁଚି ଖେଳ,ମ୍ୟୁଜିକ ଚେୟାର , ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା ର ଆୟୋଜନ କରାଯାଇଥିଲା ।ଏଥିରେ ବହୁ ସଂଖ୍ୟାରେ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଡା ପୌର ଅଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ,ସମ୍ମାନିତ ଅତିଥି ଭାବେ ଯୋଡା ଟାଟା ଷ୍ଟିଲ ମୁଖ୍ୟ ରାଜେଶ୍ କୁମାର ,୭ନଂ କାଉନସିଲର ବିଶ୍ ପ୍ରତାପ ବେହେରା, ୧୨ ନଂ କାଉନସିଲର ବରୁଣ ଅୟପଟ୍ଟ, ୧୩ ନଂ କାଉନସିଲର ଦୀପ୍ତି ରଞ୍ଜନ ବେହେରା,ଖବରଦାତା ପ୍ରକାଶ ମହାନ୍ତି,ସାରଦା ପ୍ରସନ୍ନ ଆଚାର୍ଯ୍ୟ,ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ। ଅତିଥି ଙ୍କ ଉପସ୍ଥିତିରେ ଆରିସା ପିଠା,ଚକୁଳି ପିଠା, ମଣ୍ଡା ପିଠା ପ୍ରଭୃତି ବିଭିନ୍ନ ପ୍ରକାର ର ପିଠା ପ୍ରତିଯୋଗିତା ହୋଇଥିଲା। ଏଥିରେ ମହିଳା ମାନେ ପ୍ରସ୍ତୁତ କରିଥିବା ପିଠା କୁ ଅତିଥି ମାନେ ବିଚାରକ ଭାବେ ରହି କୃତି ପ୍ରତିଯୋଗୀ ଙ୍କୁ ଚୟନ କରି ଥିଲେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଖୁଣ୍ଟ ପାଣି ନୀଳକଣ୍ଠେଶ୍ୱର କମିଟି ପକ୍ଷରୁ ଆୟୋଜିତ ଏହି ମକର ମେଳା ଦେଖିବାକୁ ଆଖପାଖ ଗ୍ରାମର ବହୁ ଲୋକଙ୍କ ଭିଡ଼ ଜମିଥିଲା। କମିଟି ସଭାପତି ରବୀନ୍ଦ୍ର ବାରିକ,ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା ଓ ଅନ୍ୟାନ୍ୟ ସଦସ୍ୟ ମାନେ ଏହି ମକର ମହୋତ୍ସବ କୁ ସୁଚାରୁରୂପେ ପରିଚାଳନା କରିଥିଲେ।

# କେଜ୍ରିୱାଲଙ୍କୁ ଟକ୍କର ଦେବେ ସ୍ମୃତି ଇରାନୀ !

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଦିଲ୍ଲୀ ବିଜେପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇପାରନ୍ତି । ଗ୍ରେଟର କୈଳାଶ ବିଧାନସଭା ଆସନରୁ ତାଙ୍କ ନାମ ବିଜେପି ପ୍ରାର୍ଥୀ ପାଇଁ ସୁପାରିଶ ଦୃଷ୍ଟିରୁ ଏଭଳି ଆକଳନ କରାଯାଉଛି । ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବିପକ୍ଷରେ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ବୋଲି ଚାଲିଥିବା ଟାହିଟାପରା ଉତ୍ତର ଦେବାକୁ ବିଜେପି ଉଚିତ ମଣୁଛି । ଏଥିପାଇଁ କେଜ୍ରିୱାଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ବିଜେପି ସାମ୍ନାକୁ ଆଣିପାରେ । ଦିଲ୍ଲୀ ରାଜନୀତିରେ ସ୍ମୃତି ନୂଆ ନୁହଁନ୍ତି । ୨୦୦୪ ଲୋକସଭା ନିର୍ବାଚନରେ ସ୍ମୃତି ଦିଲ୍ଲୀର ଚାନ୍ଦନୀ ଚୌକ ଆସନରୁ ପ୍ରତିଦ୍ୱନ୍ଦିତା କରି ତତକାଳୀନ କଂଗ୍ରେସ ପ୍ରାର୍ଥୀ କପିଲ ସିବଲଙ୍କଠାରୁ ହାରିଥିଲେ । ବିଜେପି ସ୍ମୃତିଙ୍କୁ ସାମ୍ନାକୁ ଆଣିବାର ପ୍ରଥମ କାରଣ ହେଉଛି ସୌରଭ ଭରଦ୍ୱାଜ ଆପର ଲୋକପ୍ରିୟ ନେତା । ତାଙ୍କ ବିପକ୍ଷରେ ବିଜେପିର ଜଣାଶୁଣା ଚେହେରା ହେବେ ସ୍ମୃତି ଇରାନୀ । ନିଜ ବଳିଷ୍ଠ ଭାଷଣ ତଥା ଟାଣୁଆ ବ୍ୟକ୍ତିତ୍ୱ ପାଇଁ ସ୍ମୃତି ଇରାନୀ ଚର୍ଚ୍ଚାରେ ରୁହନ୍ତି । ତେଣୁ ଆପର ମୁଖ୍ୟ ଅରବିନ୍ଦ ପୁଅ ତଥା ପୂର୍ବତନ ସାଂସଦ ପ୍ରଭେଶ ବର୍ମା ଓ ମୁଖ୍ୟମନ୍ତ୍ରୀ ଆତିସୀଙ୍କ ବିରୋଧରେ ପୂର୍ବତନ ସାଂସଦ ରମେଶ ବିଧୁରୀଙ୍କୁ ବିଜେପି ପ୍ରାର୍ଥୀ କରିଛି । ଏବେ



କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ଭଲଭାବରେ ଚ୍ୟାଲେଞ୍ଜ ଦେଇପାରନ୍ତି । ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସାହେବ ସିଂ ବର୍ମାଙ୍କ ସୌରଭ ଭରଦ୍ୱାଜଙ୍କ ବିରୋଧରେ ସ୍ମୃତିଙ୍କୁ ପ୍ରାର୍ଥୀ କରି କୌଣସି ଆପ ନେତାଙ୍କୁ ସହଜରେ ବିଜୟ ହାସଲ କରିବାକୁ ସୁଯୋଗ ଦେବାକୁ ଚାହୁଁନି ବିଜେପି ।

## ବିସ୍ଫୋରଣରେ ୬ ଆହତ

**କଶ୍ମୀର,୧୬।୧(ଏଜେନ୍ସି):** ଜମ୍ମୁ-କଶ୍ମୀରର ନୌଶେରା ଜିଲ୍ଲାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ, ଭବାନୀ ସେକ୍ଟରର ମାକ୍ରି ଅଞ୍ଚଳରେ ବିସ୍ଫୋରଣ ଘଟି ୬ ଜଣ ସେନା ଯବାନ ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ରାଜୌରୀସ୍ଥିତ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେନାର ସୂଚନା ଅନୁସାରେ ରାଜୌରୀ ଜିଲ୍ଲା ଅନ୍ତର୍ଗତ ନୌସେରା ଫରୱାର୍ଡ ଅଞ୍ଚଳରେ ହୋଇଥିବା ଏକ ଲାଣ୍ଡମାଇନ ବିସ୍ଫୋରଣ ହେବା ଯୋଗୁଁ ୬ ଜଣ ଯବାନ ଆହତ ହୋଇଛନ୍ତି। ୧୦ଟା ୪୫ ମିନିଟ ସମୟରେ ଜଣେ ସୈନିକ ଅସାବଧାନତାବଶତଃ ଲାଣ୍ଡଲାଇନ ଉପରେ ପାଦ ରଖିଦେବାରୁ ବିସ୍ଫୋରଣ ହୋଇଥିଲା । ଏହା ଫଳରେ ଉକ୍ତ ସୈନିକଙ୍କ ସମେତ ଆଉ ୫ ଜଣ ଆହତ ହୋଇଥିଲେ । ସେମାନଙ୍କୁ ରାଜୌରୀସ୍ଥିତ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କ ଅବସ୍ଥା ସ୍ଥିର ରହିଛି। ଏହା ପୂର୍ବରୁ ୨୦୨୪ ଡିସେମ୍ବର ୯ତାରିଖରେ ଜମ୍ମୁର ପୁଞ୍ଚରେ ବିସ୍ଫୋରଣ ହୋଇଥିଲା।

# ଦକ୍ଷିଣ କୋରିଆ ରାଷ୍ଟ୍ରପତି ଗିରଫ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଦକ୍ଷିଣ କୋରିଆ ରାଷ୍ଟ୍ରପତି ଗିରଫ । ଦୁର୍ନୀତି ମାମଲାରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ ସୁକ୍ ୟୋଲଙ୍କୁ ଗିରଫ କରିଛି ଦେଶର ପୋଲିସ । ଦୀର୍ଘ ୬ ଘଣ୍ଟାଧରି ମୁହାଁମୁହିଁ ହେବା ପରେ ଗିରଫ ହୋଇଛନ୍ତି ୟୁନ ସୁକ୍ । ରାଷ୍ଟ୍ରପତିଙ୍କ ମୁଖ୍ୟ ସୁରକ୍ଷାକର୍ମୀ ମଧ୍ୟ ଗିରଫ ହୋଇଥିବା ଜଣାପଡ଼ିଛି । ଅଭିଯୋଗ ପରେ ରାଷ୍ଟ୍ରପତିଙ୍କୁ ଗିରଫ କରିବାକୁ ପ୍ରାୟ ୧ ହଜାର ପୋଲିସ କର୍ମୀ ରାଷ୍ଟ୍ରପତି ଭବନ ବାହାରେ ଏକାଠି ହୋଇଥିଲେ । ତେବେ ରାଷ୍ଟ୍ରପତି ଭବନ ଫାଟକ ଖୋଲିନଥିଲେ ରାଷ୍ଟ୍ରପତିଙ୍କ ସୁରକ୍ଷାକର୍ମୀ । ଦୀର୍ଘ ୬ ଘଣ୍ଟା ଧରି ଚାଲିଥିଲା ମୁହାଁମୁହିଁ ସ୍ଥିତି । ଶେଷରେ ଶିଡ଼ି ସହାୟତାରେ ରାଷ୍ଟ୍ରପତି ଭବନ ଭିତରକୁ ପଶିଥିଲେ ପୋଲିସ କର୍ମୀ । ସୂଚନା ଅନୁଯାୟୀ, ଭୋର ୪ଟା ୨୦ ମିନିଟ ସମୟରେ



ରାଷ୍ଟ୍ରପତି ଭବନ ଆଗରେ ପହଞ୍ଚିଥିଲା ପୋଲିସ । ବିଭିନ୍ନ ରାସ୍ତା ଦେଇ ରାଷ୍ଟ୍ରପତି ଭବନରେ ପଶିଥିଲେ ପୋଲିସ କର୍ମୀ । ରାଷ୍ଟ୍ରପତି ଭବନରେ ପଶି ଶେଷରେ ରାଷ୍ଟ୍ରପତି ୟୁନ ସୁକ ୟୋଲଙ୍କୁ ଗିରଫ କରିଥିବା ଜଣାପଡିଛି । ଏହା ପୂର୍ବରୁ ଗତ ୩ ତାରିଖରେ ଗିରଫ କରିବାକୁ ପ୍ରଥମଥର ଲାଗି ଉଦ୍ୟମ କରିଥିଲା ଦକ୍ଷିଣ କୋରିଆର ଦୁର୍ନୀତି ଯାଞ୍ଚ କରୁଥିବା CIO କାର୍ଯ୍ୟାଳୟ ।

# କଂଗ୍ରେସର ନୂତନ ମୁଖ୍ୟାଳୟକୁ ଉଦଘାଟନ କଲେ ସୋନିଆ ଗାନ୍ଧୀ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ନୂଆଦିଲ୍ଲୀରେ ଆଜି କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଏଆଇସିସିର ନୂଆ ମୁଖ୍ୟାଳୟ ଇନ୍ଦିରା ଗାନ୍ଧୀ ଭବନର ଉଦଘାଟନ କରିଛନ୍ତି । ୯ଏ, କୋଟଲା ରୋଡରେ ନିର୍ମିତ ଆଧୁନିକ ସୁବିଧାରେ ଥିବା ଏହି ମୁଖ୍ୟାଳୟର ଦୀର୍ଘ ଦିନ ହେବ କଂଗ୍ରେସ ଅପେକ୍ଷା କରୁଥିଲା । ବୁଧବାର କଂଗ୍ରେସ ସଂସଦୀୟ ଦଳର ମୁଖ୍ୟ ସୋନିଆ ଗାନ୍ଧୀ ଉଦଘାଟନ କରିଛନ୍ତି । ଏହି ସମୟରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ସାଂସଦ ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସର ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ । କଂଗ୍ରେସ ଦ୍ୱାରା ନିର୍ମିତ ଏହି ମୁଖ୍ୟାଳୟ ଇନ୍ଦିରା ଗାନ୍ଧୀ ଭବନରେ ପ୍ରଶାସନିକ, ସଂଗଠନାତ୍ମକ ଓ ରଣନୈତିକ ସଞ୍ଚାଳକୁ ସୁବିଧାଜନକ କରିବା ପାଇଁ ଆଧୁନିକ ସୁବିଧା ରହିଛି । ଏହି ଐତିହାସିକ ବିଲ୍ଡିଂର ନିର୍ମାଣ ସୋନିଆ ଗାନ୍ଧୀଙ୍କ କଂଗ୍ରେସ ମୁଖ୍ୟ ଥିବା ବେଳେ ଆରମ୍ଭ ହୋଇଥିଲା । ଭବନର ଉଦଘାଟନ ଅବସରରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ପାର୍ଟିର ପତାକା ଉତ୍ତୋଳନ



କରାଯିବା ସହ, ବନ୍ଦେମାତରମ୍ ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ସୋନିଆ ନୂତନ ଭବନର ଫିତା କାଟି ଉଦଘାଟନ କରିଥିଲେ । ଏହି ସମୟରେ ସେ କହିଛନ୍ତି କଂଗ୍ରେସର ନୂଆ ମୁଖ୍ୟାଳୟ ଦେଶ ସେବା, ନିଷ୍ଠା ଓ ରାଷ୍ଟ୍ରପ୍ରେମର ପ୍ରତୀକ । ଉଲ୍ଲେଖନୀୟ ଯେ, କଂଗ୍ରେସ ପାର୍ଟି ୨୪, ଆକବର ରୋଡରେ ଥିବା ନିଜର ପୂର୍ବତନ ମୁଖ୍ୟାଳୟକୁ ଖାଲି ନକରିବାର ନିଷ୍ପତ୍ତି ନେଇଛି, ଯାହାକି ୧୯୭୮ ରେ କଂଗ୍ରେସ(ଆଇ) ଗଠନ ପରେ କଂଗ୍ରେସ ଐତିହର ପ୍ରତୀକ ରହିଛି । ଏହି ପୁରୁଣା ବିଲ୍ଡିଂରେ କେବେ ଭାଇସରୟ ଲର୍ଡ ଲିନାଲିଥଗୋଙ୍କ କାର୍ଯ୍ୟକାରୀ ପରିଷଦର ସଦସ୍ୟ ସର୍ ରୋଜିନାଲ୍ଡ ମାକ୍ସୱେଲ ଓ ୧୯୬୧ ରେ କିଶୋର ଆଙ୍ଗ ସାନ୍ସୁଙ୍କ ଏହି ନିବାସ ଥିଲା । କେନ୍ଦ୍ରରେ କଂଗ୍ରେସ ସରକାର ହରାଇବା ପରେ ଅର୍ଥ ଅଭାବରୁ ଇନ୍ଦିରା ଗାନ୍ଧୀ ଭବନର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଥିଲା । ବିଜେପି ମଧ ଦୀନଦୟାଲ ଉପାଧ୍ୟାୟ ମାର୍ଗର ଏକ ନୂତନ ସ୍ଥାନକୁ ସ୍ଥାନାନ୍ତରିତ ହେବା ସତ୍ତ୍ୱେ ୧୧, ଅଶୋକା ରୋଡରେ ଥିବା ଏହାର ପୁରୁଣା ମୁଖ୍ୟାଳୟ ଏପର୍ଯ୍ୟନ୍ତ ଖାଲି କରିନାହିଁ । ନୂତନ କଂଗ୍ରେସ ମୁଖ୍ୟାଳୟ ପରମ୍ପରା ଏବଂ ଆଧୁନିକତାର ମିଶ୍ରଣ ସହିତ ଜାତିର ସେବା କରିବା ପାଇଁ ଦଳର ଆକାଂକ୍ଷା ଏବଂ ସମର୍ପଣର ପ୍ରତୀକ ।

## ସାବାଡ଼୍ ହେବେ ପାକିସ୍ତାନ-ଚୀନ

# ବିଏସଏଫଙ୍କୁ ମିଳିବ ପର୍ଶୁରାମଙ୍କ ଅସ୍ତ୍ର 'ଭାର୍ଗବସ୍ତ୍ର'

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ସୀମାରେ ଅଶାନ୍ତି ସୃଷ୍ଟି କରିବାରେ ପାକିସ୍ତାନ ମାହିର । ବିନା କାରଣରେ ଗୁଳିମାଡ଼ କରିବା ସହିକ ଭାରତୀୟ ସେନା ଉପରକୁ ଆକ୍ରମଣ କରୁଥିବା ଅନେକ ସମୟରେ ନଜିର ରହିଛି। ପାକିସ୍ତାନକୁ ଜବାବ ଦେବା ଲାଗି ସେନା ପ୍ରତି ମୁହୂର୍ତ୍ତରେ ସଜାଗ ବି ଥାଏ । ପାକିସ୍ତାନକୁ ପାନେ ଦେବା ଲାଗି ବିଏସଏଫ ବି ରଣନୀତି ପ୍ରସ୍ତୁତ କରିଛି ସତ ହେଲେ ପଡୋଶୀର ଆକ୍ରମଣରେ ଅକାରଣରେ ଜୀବନ ଦେଉଛନ୍ତି ଭାରତୀୟ ଯବାନ । ହେଲେ ଏବେ ସେମିତି ଆଉ ହେବନି । କାରଣ ବିଏସଏଫକୁ ମିଳିବ ପର୍ଶୁରାମଙ୍କ ଅସ୍ତ୍ର । ଯାହାକୁ ନେଇ ଏବେ ଭାରି ଚର୍ଚ୍ଚା । ମହାଭାରତରେକାହିଁକି ପାଣ୍ଡବ ଓ କୌରବଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା ଆପଣଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଜାଣିଥିବେ । ପୁରାଣଶାସ୍ତ୍ର ଅନୁସାରେ, ଶ୍ରୀକୃଷ୍ଣ ଭଲରେ ଜାଣିଥିଲେ ପାଣ୍ଡବଙ୍କ ଅପେକ୍ଷା କୌରବ ଅଧିକ ଶକ୍ତିଶାଳୀ ଥିଲେ। ସେମାନଙ୍କ ପାଖରେ କର୍ଣ୍ଣଙ୍କ ପରି ଯୋଦ୍ଧା ଥିଲେ । ଖାଲି ଏତିକି ନୁହେଁ ତାଙ୍କ ପାଖରେ ଏକ ଦୁର୍ଲଭ ଅସ୍ତ୍ର ଥିଲା ଯାହା କୌରବ ଓ ପର୍ଶୁରାମ ଚଳାଇବା ଜାଣିଥିଲେ । କୌରବଙ୍କ ପାଖରେ ଥିଲା ଭାର୍ଗବସ୍ତ୍ର ଯାହାର ମୁକାବିଲା



ଅର୍ଜୁନ କରିପାରିବେ ନାହିଁ ବୋଲି କହିଥିଲେ । ଇଏ ତ ଥିଲା ପୁରାଣ ଓ ଶାସ୍ତ୍ରର କଥା । ଏବେ କିନ୍ତୁ ଭାରତୀୟ ସେନାକୁ ଭାର୍ଗବସ୍ତ୍ର ମିଳିବାକୁ ଯାଉଛି । ମଙ୍ଗଳବାର ପରୀକ୍ଷାମୂଳକ ଭାବରେ କିଛି ଯବାନଙ୍କୁ ନେଇ ପରୀକ୍ଷା ମଧ କରାଯାଇଛି । କୁହାଯାଉଛି କି, ଏହି ବସ୍ତ୍ର ମିଳିବା ପରେ ସେନାର ଚିନ୍ତା ଦୂର ହେବ ଓ ପାକିସ୍ତାନ ପାନେ ପାଇବ । ଅନେକ ସମୟରେ ଦେଖାଯାଉଛି କି, ପାକିସ୍ତାନ ହୀନ ଚକ୍ରାନ୍ତ କରି ଭାରତରେ ଅଶାନ୍ତି ସୃଷ୍ଟି କରୁଛି । ଏମିତିକି ସୀମାକୁ ଲାଗି ରହିଥିବା ପଂଜାବ ପ୍ରଦେଶରେ ଡ୍ରୋନ ସାହାଯ୍ୟରେ ନିଶା କାରବାର ବି ବଢାଉଛି । ଯେଉଁଥି ଲାଗି ଅନେକ ଯୁବକ ଏବେ ନିଶା ଖାଇ ବେକାର ହେଲେଣି । ନିଶା କାରବାରରେ ଆତଙ୍କୀର ପ୍ଲାନ ହେଉଥିବା ବି ଜଣାପଡ଼ିଛି । ହେଲେ ଭାର୍ଗବସ୍ତ୍ର ଆସିବା ପରେ ପାକିସ୍ତାନ ସେନା ଯେଉଁପରି ଭାବରେ ବେଆଇନ କାମ କରୁଛି ସେଥିରେ ରୋକ ଲାଗିପାରିବ ବୋଲି କୁହାଯାଉଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶାର ଗୋପାଳପୁରରେ ଏହା ପରୀକ୍ଷା କରାଯାଇଛି । ସେନାକୁ ଏହା ମିଳିବା ପରେ ବେଆଇନ ଡ୍ରୋନ କାରବାର ସଂପୂର୍ଣ୍ଣ ବ୍ୟାନ୍ ହୋଇପାରିବ । ସେନାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାର ପରୀକ୍ଷା କରାଯାଇଥିଲା ଯାହା ଲକ୍ଷକୁ ଅତି ସହଜରେ ଟାର୍ଗେଟ୍ ବି କରିପାରୁଛି । ଆମେ ସମସ୍ତେ ଜାଣନ୍ତି ସେନା ବଜେଟରେ କୌଣସି ଅଡିଟ୍ ହୁଏନାହିଁ । ଅର୍ଥାତ ସେନା ଲାଗି ଦେଶ କେତେ ଖର୍ଚ୍ଚ କରେ ତାହା ପ୍ରତ୍ୟକ୍ଷ ଭାବରେ ଜାଣିବା ମୁସ୍କିଲ । ହେଲେ ସେନା ଲାଗି ଯେଉଁ ଭାର୍ଗବସ୍ତ୍ର ତିଆରି କରାଯାଉଛି ସେଥିରେ ଅଳ୍ପ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଛି । ସେନାକୁ ମିଳିବା ପରେ ଏହା ଶତ୍ରୁ ପକ୍ଷରୁ ହେଉଥିବା ଡ୍ରୋନ୍ ଆକ୍ରମଣରୁ ଏହା ରକ୍ଷା କରିପାରିବ । କୁହାଯାଉଛି ୬ କିଲୋମିଟର ପର୍ଯ୍ୟନ୍ତ ଏହା ଲକ୍ଷ୍ୟ ଭେଦ କରିପାରିବ । ହେଲେ ଏବେ ସଙ୍ଗେ ସଙ୍ଗେ ଏହା ସେନାକୁ ମିଳିବ ନାହିଁ । ଆଉ କିଛି ପରୀକ୍ଷା ବାକି ରହିଛି । ସଂପୂର୍ଣ୍ଣ ପରୀକ୍ଷା ସରିବା ପରେ ହିଁ ଏହା ସେନାକୁ ମିଳିବ ।

# ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଚତୁର୍ଥ ପ୍ରାର୍ଥୀ ତାଲିକା ପ୍ରକାଶ କଲା ବିଜେପି

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ଏହାର ପ୍ରାର୍ଥୀଙ୍କ ଚତୁର୍ଥ ତାଲିକା ପ୍ରକାଶ କରିଛି । ଏହି ତାଲିକାରେ, ମୋଟ ନଅଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଦିଲ୍ଲୀରେ ମୋଟ ୭୦ ଟି ବିଧାନସଭା ଆସନ ରହିଥିବା ବେଳେ ବିଜେପି ଏପର୍ଯ୍ୟନ୍ତ ୬୮ଟି ଆସନ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ କରିସାରିଛି । ତେବେ ଏହା ମଧ୍ୟ ବିଶ୍ୱାସ କରାଯାଉଛି ଯେ, ବାକି ଦୁଇଟି ବିଧାନସଭା ଆସନ ଏନଡିଏ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ପାଇଁ ଉଦ୍ଦିଷ୍ଟ ରହିଛି । ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରଥମ ତାଲିକାରେ ୨୯ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା । ଦ୍ୱିତୀୟ ତାଲିକାରେ ୨୯ ଟି ଆସନ ପାଇଁ ପ୍ରାର୍ଥୀ ମଧ୍ୟ ନିର୍ଣ୍ଣୟ କରାଯାଇଥିଲା । ତୃତୀୟ ତାଲିକାରେ କେବଳ ଗୋଟିଏ ନାମ ଥିଲା ଯାହାକି, ମୋହନ ସିଂହ ବିଷ୍ଟଙ୍କୁ ମୁସ୍ତାଫାବାଦରୁ ଟିକେଟ୍ ଦିଆଯାଇଥିଲା । ଏବେ ଚତୁର୍ଥ ତାଲିକାରେ ନଅଟି ଆସନ ପାଇଁ ପ୍ରାର୍ଥୀ ଦିଆଯାଇଛି । ସୂଚନାଥାଉକି, ଫେବୃଆରୀ ୫ ତାରିଖରେ ଦିଲ୍ଲୀରେ ମତଦାନ ହେବାକୁ ଯାଉଛି ଏବଂ ଫେବୃଆରୀ ୮ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ପ୍ରାର୍ଥୀଙ୍କ ନାମାଙ୍କନ ପ୍ରକ୍ରିୟା ଚାଲିଛି ଏବଂ ଅନେକ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ଦାଖଲ କରିସାରିଛନ୍ତି । ଜାନୁଆରୀ ୧୭ ତାରିଖ ନାମାଙ୍କନ ଦାଖଲର ଶେଷ ଦିନୟ ଏପରି ପରିସ୍ଥିତିରେ, ବିଜେପିକୁ ଏହାର ସହଯୋଗୀ ଦଳଗୁଡ଼ିକ ସହିତ କିଛି ଘଣ୍ଟା ମଧରେ ବାକି ଦୁଇଟି ଆସନ ପାଇଁ ପ୍ରାର୍ଥୀ ସ୍ଥିର କରିବାକୁ ପଡିବ । ବିଜେପି ଜାନୁଆରୀ ୪ ତାରିଖରେ ୨୯ ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଥିଲା,ଯେଉଁଥିରେ ଆମ ଆଦମୀ ପାର୍ଟି (ଆପ) ଏବଂ କଂଗ୍ରେସରୁ ସଦ୍ୟତମ ଭାବରେ ଦଳରେ ଯୋଗ ଦେଇଥିବା ଅତି କମରେ ଛଅ ଜଣ ଲୋକଙ୍କୁ ଟିକେଟ ଦିଆଯାଇଥିଲା । ପୂର୍ବତନ ସାଂସଦ ପରବେଶ ବର୍ମାଙ୍କୁ ନୂଆଦିଲ୍ଲୀ ଆସନରୁ ଅରବିନ୍ଦ କେଜରିୱାଲଙ୍କ ବିପକ୍ଷରେ ଟିକେଟ୍ ମିଳିଛି, ଯେତେବେଳେ କି, ଦଳର ପୂର୍ବତନ ସାଂସଦ ରମେଶ ବିଧୁରୀଙ୍କୁ କାଲକାଜିରୁ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିପକ୍ଷରେ ପ୍ରାର୍ଥୀ କରାଯାଇଛି ।

# ୩ଟି ଭାରତୀୟ କମ୍ପାନୀ ଉପରୁ ବ୍ୟାନ୍ ହଟାଇଲା ଆମେରିକା

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଆମେରିକା ସରକାର ଇଇଜଉ ସମେତ ୩ ଭାରତୀୟ ପ୍ରତିଷ୍ଠାନ ଉପରୁ ଲାଗୁ ହୋଇଥିବା ପ୍ରତିବନ୍ଧକୁ ହଟାଇଛି । ଶୀତଳ ଯୁଦ୍ଧ ସମୟରେ ଇଣ୍ଡିଆନ୍ ରେୟାର ଆର୍ଥସ୍, ଇନ୍ଦିରା ଗାନ୍ଧୀ ସେଣ୍ଟର ଫର୍ ଆଟମିକ୍ ରିସର୍ଚ୍ଚ ଏବଂ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର ଏହି ତିନୋଟି ଭାରତୀୟ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ପଦ ଗ୍ରହଣ କରିବାର ମାତ୍ର, କିଛି ଦିନ ପୂର୍ବରୁ ବିଡେନ ଆଡମିନିଷ୍ଟ୍ରେସନ୍ ଏଭଳି ନିଷ୍ପତ୍ତି ନେଇଛି । ବାଣିଜ୍ୟ ବିଭାଗର ଶିଳ୍ପ ଏବଂ ସୁରକ୍ଷା ବ୍ୟୁରୋ (ବିଆଇଏସ)ର କହିବାନୁସାରେ, ଆମେରିକୀୟ ପ୍ରଶାସନର ଏହି ପଦକ୍ଷେପ ମିଳିତ ଗବେଷଣା ଏବଂ ବିକାଶ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହଯୋଗ ସମେତ ଉନ୍ନତ ଶକ୍ତି ସହଯୋଗରେ ପ୍ରତିବନ୍ଧକଗୁଡ଼ିକୁ ହ୍ରାସ କରି ଆମେରିକୀୟ ବୈଦେଶିକ ନୀତି ଉଦ୍ଦେଶ୍ୟକୁ ସମର୍ଥନ କରିବ । ଯାହା ସହଭାଗୀ ଶକ୍ତି ସୁରକ୍ଷା ଆବଶ୍ୟକତା ପାଇଁ ସହାୟକ ହେବ । BARC ଆମେରିକାର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି ସ୍ୱାର୍ଥ ବିପରୀତ କାର୍ଯ୍ୟକଳାପ ପାଇଁ ପିପଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଅଧୀନରେ ୧୧ଟି ସଂସ୍ଥାକୁ ଏଣ୍ଟିଟି ତାଲିକାରେ ଯୋଡ଼ିଛି । ଆମେରିକା ଏବଂ ବିଆଇଏସ କହିଛି । ଅନ୍ୟପଟେ ରପ୍ତାନି ପ୍ରଶାସନ ପାଇଁ ବାଣିଜ୍ୟ ବିଭାଗର ପ୍ରମୁଖ ଉପ ସହାୟକ ସଚିବ ମାଥ୍ୟୁ ବୋରମ୍ୟାନ କହିଛନ୍ତି ଯେ, ତିନୋଟି ଭାରତୀୟ ସଂସ୍ଥା



ଭାରତ ଶାନ୍ତିପୂର୍ଣ୍ଣ ପରମାଣୁ ସହଯୋଗ ଏବଂ ସମ୍ବନ୍ଧିତ ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ଏବଂ ଗତ କିଛି ବର୍ଷ ଧରି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ମଜବୁତ କରିଛନ୍ତି । ଏହା ଦୁଇ ଦେଶ ଏବଂ ବିଶ୍ୱର ସେମାନଙ୍କର ଅଂଶୀଦାରମାନଙ୍କୁ ପରମାଣୁ ବିଜ୍ଞାନର ଭବିଷ୍ୟତ ସହିତ ଯୋଡ଼ିଛି ଓ ଲାଭ ଦେଇଛି ବୋଲି ଉପରୁ ପ୍ରତିବନ୍ଧକ ଉଠାଇବା ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ଘନିଷ୍ଠ ହେବ । ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ସ୍ୱଚ୍ଛ ଶକ୍ତି ଯୋଗାଣ ଶୃଙ୍ଖଳ ସୁରକ୍ଷିତ କରିବା ପାଇଁ ନିବିଡ଼ ସହଯୋଗ ହୋଇପାରିବ । ଏହା ଆମେରିକା-ଭାରତ ସହଭାଗୀର ସାମଗ୍ରିକ ମହତ୍ୱାକାଂକ୍ଷା ଏବଂ ରଣନୈତିକ ଦିଗ ସହିତ ସମନ୍ୱିତ ଏବଂ ସମର୍ଥନ କରେ ।

# ଏକ ପ୍ରକୃତ ଏଆଇ ସହଯୋଗୀ କିପରି ଭାବରେ ସୃଜନଶୀଳତାକୁ ବିପଦମୁକ୍ତ କରିପାରିବ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଦୀର୍ଘ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେବ ପୃଥିବୀର ବିଭିନ୍ନ ସ୍ଥାନରୁ ଲୋକମାନେ ନିରବଚ୍ଛିନ୍ନ ଭାବରେ ଗାଲାକ୍ସି ସ୍ମାର୍ଟଫୋନ ଆଡ଼କୁ ମୁହାଁଇ ସେମାନଙ୍କର ଉତ୍ପାଦକତା ଏବଂ ସୃଜନଶୀଳତା ଦିଗରେ ଉନ୍ନତି କରିଛନ୍ତି। ଏଥିରେ ପ୍ରମୁଖରେ ରହିଛି ଗାଲାକ୍ସି ଏସ ଅଲଟ୍ରା ଶୃଙ୍ଖଳ, ଯାହାକି ଗାଲାକ୍ସି ନୋଟ ଶୃଙ୍ଖଳର ନବୀକରଣକୁ ବଂଶାନୁକ୍ରମିକ ଭାବରେ ପ୍ରତିଷ୍ଠା କରି ଏକ ସୀମାହିନ ସୃଜନଶୀଳତା ସହିତ ସମକକ୍ଷ ହୋଇ ଅସଂଖ୍ୟ ଗାଲାକ୍ସି ପ୍ରଶଂସକଙ୍କ ଭଲ ପାଇବା ସାଉଁଟି ପାରିଛି। ଅବିଶ୍ୱସନୀୟ ଶକ୍ତି, ବର୍ଦ୍ଧିତ ପରଦା ତଥା ଆଇକନିକ୍ ଏସ ପେନକୁ ନେଇ ଗାଲାକ୍ସି ଏସ ଅଲଟ୍ରା ବିନା ବାଧାରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସିଦ୍ଧ ଲାଭ କରିଛି ତଥା ଯେ କୌଣସି ସମୟରେ ଯେ କୌଣସି ସ୍ଥାନରେ ଫୋନକୁ ବନ୍ଦ ନ କରି ଏକ ନୋଟ ଗ୍ରହଣକାରୀ ଆପକୁ ଖୋଜି ବାହାର କରି ସେମାନଙ୍କର ପ୍ରେରଣାକୁ ଅନୁସରଣ ତଥା ଧାରଣାକୁ ଧରି ରଖିପାରିଛି। ଶେଷ ବର୍ଷ, ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଗାଲାକ୍ସି ଏଆଇର ଉପସ୍ଥାପନ କରିବା ସହିତ ମୋବାଇଲ ଅଭିଜ୍ଞତାର ଏକ ନୂଆ ଅଧ୍ୟାୟର ଫର୍ଦ୍ଦ ଯୋଡ଼ି ପାରିଛି। ଏଭଳି ଏକ ଚମକପ୍ରଦକାରୀ କୌଶଳ ଗାଲାକ୍ସି ଏସ ଶୃଙ୍ଖଳକୁ ଏକ ଅଧିକ ଅପରିହାର୍ଯ୍ୟ ଉପକରଣରେ ବିକଶିତ କରିବା ସହିତ ସୃଜନଶୀଳ ସ୍ୱାଧୀନତାକୁ ସର୍ବୋଚ୍ଚ ସ୍ତରକୁ ନେଇ ପାରିଛି ଏବଂ ବର୍ତ୍ତମାନ ଆପଣଙ୍କର ସେହି ସୃଜନଶୀଳତା ଏକ ନୂଆ ପାହାଚ୍‌ରେ ପହଂଚିବାକୁ ଯାଉଛି। ଛବି ଅଙ୍କନ, ବର୍ତ୍ତମାନ ଡ୍ରଇଁ ଆସିଷ୍ଟର ସମନ୍ୱିତ ସହିତ ବିକଶିତ ହେଉଛି। ଏକରୁ ଅଧିକ ଇନପୁଟର ବ୍ୟବହାର ପୂର୍ବକ, ଯେପରିକି ଏସ ପେନ କିମ୍ବା ଜଣଙ୍କର ଆଙ୍ଗୁଠିର ସହାୟତାରେ ତଥା ବିବିଧ ମୋଡ଼ାଲର ଅଭିଜ୍ଞତାକୁ ପାଥେୟ କରିଛି। ନିଜ ନିଜର ଧାରଣାକୁ ନେଇ ନିଜକୁ ଚିତ୍ରିତ କରି ବ୍ୟବହାରକାରୀମାନେ ବର୍ତ୍ତମାନ ସେମାନଙ୍କର ଜୀବନ ଅତିବାହିତ କରିପାରିବେ ତଥା ସେହି ସବୁ ଚିତ୍ରର ଟେକ୍ସଚରକୁ ନେଇ କମାଣ୍ଡ ବ୍ୟବହାର ମାଧ୍ୟମରେ କ'ଣ ସବୁ କରାଯାଇପାରିବ ସେ ସମସ୍ତ ବିଷୟରେ ଗାଲାକ୍ସି ସ୍ମାର୍ଟଫୋନକୁ ପଚରା ଯାଉଛି। ଯଦି ଏହାର କଳ୍ପନା କରାଯାଇପାରିବ, ତେବେ ଗାଲାକ୍ସି ଏଆଇ ଏହାକୁ ସୃଷ୍ଟି କରିବ।

# ୟୁକ୍ରେନର ୧୦୦ଟି ସ୍ଥାନରେ ରୁଷର ପ୍ରଚଣ୍ଡ ଆକ୍ରମଣ

**କିଭ,୧୬।୧(ଏଜେନ୍ସି):** ରୁଷ୍ ୟୁକ୍ରେନ ଉପରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଆକ୍ରମଣ କରିଛି । ଏକାସାଙ୍ଗରେ ୟୁକ୍ରେନର ୧୦୦ ଟି ସ୍ଥାନରେ ଉପରେ ଆକ୍ରମଣ କରିଛି ରୁଷ ସେନା । କୃଷ୍ଣ ସାଗରର ଟିୟୁ-୯୫ ବୋମାବର୍ଷକ ବିମାନରୁ କ୍ରୁଜ୍ କ୍ଷେପଣାସ୍ତ୍ର ନିକ୍ଷେପ କରି ଏହି ଆକ୍ରମଣ କରାଯାଇଛି । ଗତ ୩ ବର୍ଷ ମଧ୍ୟରେ ଏହା ରୁଷିଆର ସବୁଠାରୁ ବଡ଼ ଆକ୍ରମଣ । ମଙ୍ଗଳବାର ରାତିରେ ୟୁକ୍ରେନ ରୁଷିଆ ଉପରେ ଆକ୍ରମଣ କରିଥିବାରୁ ରୁଷିଆର ଏହି ଆକ୍ରମଣକୁ ୟୁକ୍ରେନର ପ୍ରତିଶୋଧ ବୋଲି ବିବେଚନା କରାଯାଉଛି । ରୁଷର ଆକ୍ରମଣରେ କିବରେ ଏକ ଡଜନରୁ ଅଧିକ କୋଠା ଧ୍ୱଂସ ହୋଇଯାଇଛି । ଆକ୍ରମଣ ପରେ ଅନେକ କୋଠାରେ ନିଆଁ ଲାଗିଯାଇଥିଲା । ୟୁକ୍ରେନ୍ ମୃତକଙ୍କ ସଂଖ୍ୟା ପ୍ରକାଶ କରିନାହିଁ । ଋଷିଆ ଇସକନ୍ଦର କ୍ଷେପଣାସ୍ତ୍ର ଦ୍ୱାରା ଏହି ଆକ୍ରମଣ କରିଛି । ଏହି ଆକ୍ରମଣରେ ୟୁକ୍ରେନକୁ ବଡ଼ କ୍ଷତି ସହିବାକୁ ପଡ଼ିଛି । ସକାଳ ସାଢ଼େ ୬ଟାରେ ରୁଷିଆ ପ୍ରଥମ ଆକ୍ରମଣ କରିଥିଲା । ଏହି ଆକ୍ରମଣ ପରେ ସମଗ୍ର କିଭରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି । କ୍ରମାଗତ ଭାବେ ସାଇରନ୍ ବାଜୁଛି ଓ ଲୋକେ ବଙ୍କରରେ ଆଶ୍ରୟ ନେଇଛନ୍ତି । ରୁଷିଆର ଆକ୍ରମଣକୁ ନେଇ ଜେଲେନସ୍କିଙ୍କ ବୟାନ ସାମ୍ନାକୁ ଆସିଛି । ସେ କହିଛନ୍ତି ଯେ ୪୦ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉପରେ ଆକ୍ରମଣ ହୋଇଛି । ରୁଷିଆର ୩୦ଟି କ୍ଷେପଣାସ୍ତ୍ର ନଷ୍ଟ ହୋଇଛି ।

# ହିରୋ ମୋଟୋକର୍ପ ନୂତନ ଡେ଼ଷ୍ଟିନି ୧୨୫ ସହିତ ସହରାଞ୍ଚଳ ଗତିଶୀଳତାରେ ଅଗ୍ରଗତି

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ହିରୋ ମୋଟୋକର୍ପ, ପୃଥିବୀର ସର୍ବବୃହତ୍ ମୋଟରସାଇକେଲ ତଥା ସ୍କୁଟର ଉତ୍ପାଦନକାରୀ, ନୂତନ ଡେ଼ଷ୍ଟିନି ୧୨୫ର ଶୁଭାରମ୍ଭ ସହିତ ୧୨୫ସିସି ସ୍କୁଟର ବିଭାଗକୁ ଅଧିକ ଉତ୍ସାହିତ କରିବାକୁ ସ୍ଥିର କରାଯାଇଛି। ସହରାଂଚଳ ଚଳମାନତାର ଅଧୁନତାକୁ ଯାନ୍ତ୍ରିକୀ ଉଦ୍ଦେଶ୍ୟ ନେଇ ନୂତନ ଡେ଼ଷ୍ଟିନି ୧୨୫, ଆଧୁନିକ ଜ୍ଞାନକୌଶଳ ସହିତ ଅତୁଳନୀୟ ମାଇଲେଜ ତଥା ଅବିସ୍ମରଣୀୟ ବିଶ୍ୱସନୀୟତାକୁ ଏକତ୍ରିତ କରିପାରିଛି। ବ୍ୟବହାରିକତା ତଥା ଦକ୍ଷତାର ଶକ୍ତିଶାଳୀ ମିଶ୍ରଣକୁ ପ୍ରଦାନ କରିବା ସହିତ ଏହା ଦୈନନ୍ଦିନ ସହରୀ ଯାତ୍ରା ପାଇଁ ଏକ ନୂତନ ମାନକ ସୃଷ୍ଟି କରିବା ସହିତ ଆରୋହୀଙ୍କ ଆଶାକୁ ପୁନଃଚିତ୍ରଣ କରିପାରିଛି। ନୂତନ ଡେ଼ଷ୍ଟିନି ୧୨୫ ହିରୋ ମୋଟୋକର୍ପର ନବୀକରଣ ସହିତ ୩୦ଟି ପେଟେଂଟ ପ୍ରୟୋଗ ତଥା ଶିଳ୍ପର ପ୍ରଥମ ବୈଶିଷ୍ଟ୍ୟତାର ଉତ୍ସର୍ଗୀକୃତତାକୁ ପ୍ରଦର୍ଶିତ କରୁଛି ଯାହା ମଧ୍ୟରେ ରହିଛି ଉଜ୍ଜ୍ୱଳିତ ଷ୍ଟାର୍ଟସୁଇଜ୍ ଏବଂ ସ୍ୱକ୍ରିୟ ବନ୍ଦ ହୋଇପାରୁଥିବା ୱିଙ୍କର ଯାହାକି ଚାଳକଙ୍କୁ ଅଧିକ ସୁବିଧା ତଥା ସୁରକ୍ଷା ପାଇଁ ଉପଯୋଗୀ।

ନୂତନ ଡେ଼ଷ୍ଟିନି ୧୨୫ ସେହି ପରିବାର ସହିତ ବିଭାଗର ସବୁଠାରୁ ଅଗ୍ରଣୀ ମାଇଲେଜ ଯାହାକି ୫୯ କି.ମି. ଲିଟର ହିସାବରେ ସମସ୍ତଙ୍କ ପାଇଁ ଆଦର୍ଶ ପସନ୍ଦ ଅଟେ ଯାହା ସହିତ ଏଥିରେ ରହିଛି ଏକ ଖୋଲା ପାଦ ରଖିବା ସ୍ଥାନ ଏବଂ ଅଧିକ ସ୍ଥାନ ଥିବା ଏକ ଫ୍ଲୋରବୋର୍ଡ଼ । ଡେ଼ଷ୍ଟିନି ୧୨୫ରେ ରହିଛି ଏକ ଲମ୍ବା ସିଟ୍ ଯାହାକି ଚାଳକଙ୍କୁ ଆରାମ ଦେବା ସହିତ ଏରଗୋନମିକ୍ ଅଭିଜ୍ଞତା ମଧ୍ୟ ସୁନିଶ୍ଚିତ କରିଥାଏ। ଏକ ସ୍ଫୁର୍ତିଭରା, ଗତିଶୀଳ ତଥା ମିତବ୍ୟୟ ବାହନ ହିସାବରେ ଯାନ୍ତ୍ରିକତାର ସମସ୍ତ ଗୁଣ ରହିତ ଏହି ସ୍କୁଟରରେ ଯେଉଁସବୁ ବୈଶିଷ୍ଟତା ରହିଛି ସେଗୁଡ଼ିକ ହେଲା - ନୂତନ ଡ଼ିଜିଟାଲ ସ୍ପିଡୋମିଟର, ୧୯୦ଏମଏମ ସମ୍ମୁଖ ଭାଗ ଡ଼ିସବ୍ରେକ୍, ଏକ ଅଧୁନତମ ୧୨/୧୨ ପ୍ଲାଟଫର୍ମ ତଥା ଚଉଡ଼ା ପଛ ଚକା। ଏଥିରେ ମଧ୍ୟ ରହିଛି ହିରୋର ନବୀନତମ ଆଇ୩ଏସ (ଯଥା-ଆଇଡ଼େଲ ଷ୍ଟପ ଷ୍ଟାଟ୍‌ସିଷ୍ଟମ୍) କୌଶଳ ଅଧିକତମ ଦକ୍ଷତା ପାଇଁ। ଏଥିରେ ଡ଼ିଜାଇନ ହୋଇଥିବା ବୁଦ୍ଧି ଜ୍ଞାନ ସଂଯୁକ୍ତ ବ୍ୟାକରେଷ୍ଟ ଆହୁରି ଅଧିକ ଆରାମଦାୟକତା ତଥା ଉତ୍କୃଷ୍ଟମାନର ଚାଳନାର ଅଭିଜ୍ଞତା ପ୍ରଦାନ କରିଥାଏ।

ଶୁଭାରମ୍ଭର ଏହି ମୁହୂର୍ତ୍ତରେ ମତବ୍ୟକ୍ତ କରି ରଞ୍ଜିବଜିତ୍ ସିଂହ, ମୁଖ୍ୟ ବ୍ୟବସାୟୀକ ଅଧିକାରୀ-ଇଣ୍ଡିଆ ବିଜିନେଓ ୟୁନିଟ୍, ହିରୋ ମୋଟୋକର୍ପ କହିଛନ୍ତି, "ଷ୍ଟାଇଲ ସୁବିଧା ତଥା ଆଧୁନିକ ଜ୍ଞାନକୌଶଳର ଏକ ପ୍ରତୀକ ଭାବରେ ଏହି ନୂତନ ହିରୋ ଡେ଼ଷ୍ଟିନି ୧୨୫ର ଉପସ୍ଥାପନ ପାଇଁ ଆମେ ଅତ୍ୟନ୍ତ ଉନ୍ମାଦିତ ଯାହାକି ଆଧୁନିକ ଚାଳକମାନଙ୍କ ପାଇଁ ବିଶେଷ ଭାବରେ ପ୍ରସ୍ତୁତ। ଏହି ନବୀକରଣୀୟ ୧୨୫ସିସି ସ୍କୁଟର ଶିଳ୍ପମାନକର ସଂଜ୍ଞାକୁ ପୁନଃ ନିର୍ଦ୍ଧାରଣ କରିବା ସହିତ ହିରୋ ମୋଟୋକର୍ପର ସ୍ଥିତିକୁ ଆହୁରି ମଜବୁତ କରିପାରିଛି। ଏକ ଆକର୍ଷଣୀୟ ବିଭାଗର ସବୁଠାରୁ ଅଗ୍ରଣୀ ୫୦ କି.ମି. ଲିଟର ହିସାବରେ ଏହାର ମାଇଲେଜ ସବୁ ପ୍ରକାର ପରିବାର ପାଇଁ ବନ୍ଧିତ୍ୱର ବନ୍ଧନ କହିଲେ ଅତ୍ୟୁକ୍ତି ହେବ ନାହିଁ ଯାହାକି କମ୍ପାନୀର ପ୍ରତିଶ୍ରୁତିବଦ୍ଧତାକୁ ଏହାର ନବୀକରଣତା ମୂଲ୍ୟ ଏବଂ ଅତୁଳନୀୟ ଚାଳନା ଅଭିଜ୍ଞତା ପାଇଁ ଗ୍ରାହକ ଆଦୃତ କରିପାରିଛି।" ନୂତନ ହିରୋ ଡେ଼ଷ୍ଟିନି ୧୨୫ ଏକ ସ୍ୱଚ୍ଛ ଦକ୍ଷ ୧୨୫ସିସି ଇଞ୍ଜିନର ଶକ୍ତିଶାଳୀତାକୁ ନେଇ ଗଠିତ ଯାହା ୯ବିଏଚ୍‌ପିଅ୭୦୦୦ ଆରପିଏମ ଏବଂସର୍ବାଧିକ ୧୦.୪ଏନଏମଅ୫୫୦୦ ଆରପିଏମର କମ୍ପନତା ପ୍ରଦାନ କରିଥାଏ। ଆଇ୩ଏସ ଜ୍ଞାନକୌଶଳ ସହିତ ୱାନ ୱେକ୍ଲଜ, ଏହି ଶ୍ରେଣୀର ସର୍ବଶ୍ରେଷ୍ଠମାଇଲେସ ପ୍ରଦାନକାରୀ ୫୯ କି.ମି. ଲିଟର ପ୍ରଦାନ ସହିତ ଏକ ଉନ୍ନତ ଗତିଶୀଳନକୁ ସୁନିଶ୍ଚିତ କରିଥାଏ। ନବୀକରଣୀୟ ବୈଶିଷ୍ଟ୍ୟତା ଡେ଼ଷ୍ଟିନି ୧୨୫କୁ କାର୍ଯ୍ୟକାରିତାର ସଠିକ୍ ମିଶ୍ରଣ ଏବଂ ଜ୍ଞାନକୌଶଳ ଇତ୍ୟାଦିକୁ ଆଧୁନିକତାର ଦୈନନ୍ଦିନ ଚାଳନା ଆବଶ୍ୟକତା ନେଇ ପ୍ରସାର କରିଥାଏ।

# ଟିମ୍ ଇଣ୍ଡିଆକୁ ମିଳିପାରେ ନୂଆ କୋଚ୍

ନୂଆଦିଲ୍ଲୀ,୧୬।୧: ଅଷ୍ଟ୍ରେଲିଆ ଗସ୍ତରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଟିମ୍ ଇଣ୍ଡିଆ। କାରଣ ଦଳର ଅଧିକାଂଶ ବ୍ୟାଟ୍ସମ୍ୟାନ୍ ସିରିଜରେ ଫେଲ୍ ହୋଇଥିଲେ। ବିଶେଷକରି ବିରାଟ କୋହଲିଙ୍କ ଭଳି ଅନୁଭବୀ ବ୍ୟାଟ୍ସମ୍ୟାନ୍ ଲଗାତାର ୮ ଥର ପାଇଁ ଗୋଟିଏ ଢ଼ଙ୍ଗରେ ଆଉଟ୍ ହେବାକୁ ନେଇ ବିସିସିଆଇର ଚିନ୍ତା ବଢ଼ିଛି। ଏଥିଲାଗି ଦଳରେ ସୁଧାର ଆଣିବାକୁ ବୋର୍ଡ କୋଚିଂ ଷ୍ଟାଫ୍‌ଙ୍କୁ ମଜଭୂତ କରିବାକୁ ଚାହୁଁଛି। ନୂଆ ବିକଳ୍ପ ଖୋଜୁଛି ଏଭଳି ରିପୋର୍ଟ ସାମ୍ନାକୁ ଆସିବା ପରେ କଣ ଗମ୍ଭୀରଙ୍କ ଉପରୁ ବୋର୍ଡର ଭରସା ଉଠି ଯାଇଛି ବୋଲି ପ୍ରଶ୍ନ ଉଠିଛି।

ବିସିସିଆଇ ଭାରତୀୟ ଟିମ୍‌ର ପ୍ରଦର୍ଶନକୁ ନେଇ ଜାନୁଆରୀ ୧୧ରେ ବୈଠକ ଡାକିଥିଲା ଅଧିନାୟକ ରୋହିତ ଶର୍ମା, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ବୈଠକରେ ଉପସ୍ଥିତ ରହିଥିଲେ ଏହି ଅବସରରେ ଅନେକ ବିଷୟରେ ଚର୍ଚ୍ଚା ହୋଇଥିଲା ପରେ ଦଳର ବ୍ୟାଟ୍ସମ୍ୟାନ୍‌ଙ୍କ ବ୍ୟାଟିଂରେ



ସୁଧାରଣ ଆଣିବାକୁ ହେଲେ ଗମ୍ଭୀରଙ୍କ ସହାୟକ ଷ୍ଟାଫ୍‌ଙ୍କୁ ମଜଭୂତ କରିବାର ଆବଶ୍ୟକତା ଥିବା ନିଷ୍କର୍ଷ ବାହାରିଥିଲା ଏଥିଲାଗି ଜଣେ ବ୍ୟାଟିଂ କୋଚ୍‌ଙ୍କ ନିଯୁକ୍ତି ହୋଇପାରେ, ଯାହାକୁ ନେଇ ବୋର୍ଡ ବିକଳ୍ପ ଖୋଜିବା ଆରମ୍ଭ କରିଛି।

ରିପୋର୍ଟ ମୁତାବକ, ବ୍ୟାଟିଂ କୋଚ୍ ଲାଗି ଘରୋଇ କ୍ରିକେଟରେ ଦକ୍ଷତା ଥିବା କ୍ରିକେଟରଙ୍କୁ ଦେଖାଯାଉଛି। ଏହାକୁ ନେଇ ଅନ୍ତିମ ନିଷ୍ପତ୍ତି ଆସିନାହିଁ। ତେବେ ଗମ୍ଭୀରଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ।କାରଣ ତାଙ୍କ ସ୍ଥାନ ସୁରକ୍ଷିତ ରହିଛି ବର୍ତ୍ତମାନର ସପୋର୍ଟ ଷ୍ଟାଫ୍‌ଙ୍କ ମଧ୍ୟରେ କୌଣସି ବ୍ୟାଟିଂ କୋଚ୍ ନାହାନ୍ତି ଅଭିଷେକ ନାୟାର ଏବଂ ରେୟାନ ଟେନ୍ ଡେଶକାଟେ ଆସିଷ୍ଟାଷ୍ଟ କୋଚ୍ ଭୂମିକାରେ ଅଛନ୍ତି ଏଥିଲାଗି ବୋର୍ଡ ଏଭଳି ପଦକ୍ଷେପ ଉଠାଇଛି।

୨୦୨୪ ଟି-୨୦ ବିଶ୍ୱକପ୍ ପରେ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କ କାର୍ଯ୍ୟକାଳ ସରିଥିଲା ତାପର ଠାରୁ ଏହି ସ୍ଥାନଟି ଖାଲି ପଡିଛି । ନିକଟରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଏବଂ ବର୍ଡର-ଗାଭାସ୍କର ସିରିଜ୍‌ରେ ଦଳ ଶୋଚନୀୟ ପରାଜୟର ସାମ୍ନା କରିଥିଲା । ଯେଉଁଥିରେ ଟିମ୍‌ର ବ୍ୟାଟିଂ ଲାଇନ୍‌ଅପ୍ ଦୁର୍ବଳ ଥିବା ଭଳି ମନେ ହେଉଥିଲା । ଯେଉଁଠି ବିରୋଧୀ ଟିମ୍ ବିଶାଳ ସ୍କୋର କରୁଥିଲେ, ସେଠାରେ ଟିମ୍ ଇଣ୍ଡିଆର ବ୍ୟାଟର ମାନେ ଆତ୍ମସମର୍ପଣ କରିବା ଭଳି ଲାଗୁଥିଲେ। ଦଳରେ ବହୁ ଅଭିଜ୍ଞ ଖେଳାଳି ରହିଛନ୍ତି , ହେଲେ ପୁରା ସିରିଜ୍‌ରେ ସେମାନ ନିଜର ଫ୍ଲପ ଶୋ ଦେଖାଇଚାଲିଥିଲେ । ତେଣୁ ଏସବୁ କଥାକୁ ଦୃଷ୍ଟିରେ ରଖି ବିସିସିଆଇ ନୂଆ। ପ୍ଲାନ କରୁଛି ବୋଲି ଚର୍ଚ୍ଚା ହେଉଛି । ଏପିରିକି କିଛି ପୂର୍ବତନ ଖେଳାଳିଙ୍କ ନାଁରେ ନେଇ ମଧ୍ୟ ବୋର୍ଡ ପକ୍ଷରୁ ମାନସମନ୍ଥନ ଚାଲିଛି ଖୁବଶୀଘ୍ର କିଛି ନୂଆ। ରିପୋର୍ଟ ମିଳିପାରେ ବୋଲି ଆଶା କରାଯାଉଛି ।

## ଜାତୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର: ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ବୈଠକ ଡେରାଡୁନ୍‌ରେ ଅନୁଷ୍ଠିତ ହୋଇଛି ଏହି ବୈଠକରେ ଓଡ଼ିଶା ଦଳର ସେଫ୍-ଡି-ମିସନ୍ ଅଶୋକ ସାହୁ ଯୋଗ ଦେଇଥିଲେ ଜାତୀୟ କ୍ରୀଡ଼ାକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଅନେକ ଭିଭିଆଇପିଙ୍କ ଆଗମନ ମଧ୍ୟ ହେବ ତେଣୁ ଖେଳାଳିଙ୍କ ସହିତ ଅତିଥିମାନଙ୍କର ରହଣି ଓ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଏହି ବୈଠକରେ ଆଲୋଚନା ହୋଇଥିଲା ଅନ୍ୟପକ୍ଷରେ ଜାତୀୟ କ୍ରୀଡ଼ାରେ ପ୍ରଥମ ଥର ପାଇଁ ଓଡ଼ିଶାର ମହିଳା ଜିମ୍ନାଷ୍ଟିକ୍ସ ଦଳ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି ଗତ ଡିସେମ୍ବରରେ ଶେଷ ହୋଇଥିବା ଜାତୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ତୃତୀୟ ସ୍ଥାନରେ ରହିଥିଲା

# ବେଡ ରେଷ୍ଟ ଖବରକୁ ହସରେ ଉଡାଇ ଦେଲେ ବୁମ୍‌ରା

ନୂଆଦିଲ୍ଲୀ,୧୬।୧: ଟିମ ଇଣ୍ଡିଆର ଦ୍ରୁତ ବୋଲର ଜସପ୍ରିତ ବୁମ୍‌ରାଙ୍କ ବିଷୟରେ ଏମିତି ଏକ ଖବର ଆସିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ତାଙ୍କୁ ବେଡ ରେଷ୍ଟ ନେବାକୁ ପରାମର୍ଶ ଦିଆଯାଇଛି, କିନ୍ତୁ ବୁମ୍‌ରା ଏହି ଖବରକୁ ଭୁଲ ପ୍ରମାଣିତ କରିଛନ୍ତି ବୁମ୍‌ରା ତାଙ୍କ ଏକ୍ସରେ ଏକ କଟୁ ଟୁଇଟ କରିଥିଲେ ଏବଂ ମିଥ୍ୟା ଖବର ପ୍ରସାରଣ କରୁଥିବା ଲୋକଙ୍କୁ ଉଚିତ ଜବାବ ଦେଇଥିଲେ।

ପ୍ରକୃତରେ, ଜସପ୍ରୀତ ବୁମ୍‌ରା ତାଙ୍କ ଏକ୍ସରେ ଲେଖିଛନ୍ତି ଯେ ମୁଁ ଜାଣିଛି ଯେ ନକଲି ଖବର ପ୍ରସାର କରିବା ସହଜ, କିନ୍ତୁ ଏହା ମୋତେ ହସାଇ ଦେଲା ସୂତ୍ରଗୁଡ଼ିକ ନିର୍ଭରଯୋଗ୍ୟ ନୁହେଁ।

ଆପଣଙ୍କୁ କହି ରଖୁଛୁ ଯେ ବୁମ୍‌ରା ଅଷ୍ଟ୍ରେଲିଆ ଗସ୍ତ ସମୟରେ ଆହତ ହୋଇଥିଲେ ସିଡନୀରେ ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟର ପ୍ରଥମ ଇନିଂସରେ ବୁମ୍‌ରାଙ୍କୁ ସ୍କାନ ପାଇଁ ପଠାଯାଇଥିଲା ଏବଂ ପରେ



ସେ ବୋଲିଂ କରିନଥିଲେ ସେ ପିଠିରେ ଆଘାତ ପାଇଛନ୍ତି ଏବଂ ଏହି କାରଣରୁ ତାଙ୍କର ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଖେଳିବା ସନ୍ଦେହଜନକ।

ଚାମ୍ପିଅନ୍ସ ଟ୍ରଫି ୨୦୨୫, ଫେବୃଆରୀ ୧୯ରେ ଦୁବାଇ ଏବଂ ପାକିସ୍ତାନରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ଟିମ ଇଣ୍ଡିଆ। ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ ବୁମ୍‌ରା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଫିଟ ହେବେ କି ନାହିଁ ସେ ବିଷୟରେ ସେ କୌଣସି ସୂଚନା ଦେଇ ନାହାଁନ୍ତି, କିନ୍ତୁ ସେ କହିଛନ୍ତି ଯେ ବେଡ ରେଷ୍ଟ ଖବର ଭୁଲ ଏହି କାରଣରୁ ବୁମ୍‌ରା ଚାମ୍ପିଅନ୍ସ ଟ୍ରଫିର କିଛି ମ୍ୟାଚ ଖେଳିବାର ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି।

## ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ

# ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବିଜୟୀ



ଖୋର୍ଦ୍ଧା:୧୬/୦୧/୨୫: ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ। ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୁଲ୍ୟ ରେ ଆରମ୍ଭ ହୋଇଛିପ୍ରଥମ ମ୍ୟାଚ୍ ରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ରାଇଜିଙ୍ଗ ଷ୍ଟାର କ୍ରିକେଟ କ୍ଲବ୍ କୁ ୭ି କେଟ ରେ ପରାସ୍ତ କରିଛି ଟସ୍ ରେ ଜିତି ରାଇଜିଙ୍ଗଷ୍ଟାର କ୍ଲବ୍ ପ୍ରଥମେ ବ୍ୟାଟିଂ କରି ମୃତ୍ୟୁଞ୍ଜୟ ମହାପାତ୍ର ଙ୍କ ୨୭ ରନ ଓ ପୁରବ ପ୍ରାସାଦ ଙ୍କ ୧୬ ରନ ସହାୟତାରେ ୨୫ ଓଭର ରେ ସମସ୍ତ ି କେଟ୍ ହରାଇ ୧୦୭ ରନ ସଂଗ୍ରହ କରିଥିଲେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ପକ୍ଷ ରୁ ଓମ୍ ନାରାୟଣ,ଅଂଶୁମାନ ରାଜଗୁରୁ,ଓମ୍ ବେହେରା ପ୍ରତ୍ୟେକ ୨ ଟି ଲେଖାଏଁ ି କେଟ୍ ନେଇଥିଲେଜବାବରେ ଖୋର୍ଦ୍ଧା ଦଳ ପ୍ରତ୍ୟୁଷ ମହାନ୍ତି ଙ୍କ ଅପରାଜିତ ୬୨ ରନ ଏବଂ ଦେବନ୍ସୁ ଜେନା ଙ୍କ ୨୩ ରନ ସହାୟତାରେ ମାତ୍ର ୧୭.୩ ଓଭର ରେ ୩ି କେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲେ।ପ୍ରାରମ୍ଭରେ ୧୬ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ କୁ ଖୋର୍ଦ୍ଧା ଜିଲ୍ଲା ସଙ୍ଘ ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ସମ୍ପାଦକ ତଥା ଓ ସି ଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ,ବରିଷ୍ଠ କ୍ରିକେଟ ଖେଳାଳି ରାଜୁ ମୋଦି, ଚଣ୍ଡୀ ପ୍ରାସାଦ ଆଚାର୍ଯ୍ୟ,ବିଭାବସୁ ମହାନ୍ତି,ରତନ ପ୍ରାସାଦ, କାଜଲ ବଳିଆର ସିଂହ,ବ୍ରିଜେଶ ପ୍ରଧାନ,ସୁଧୀର ସାହୁ,କିରଣ ଶତପଥୀ, ଅବ୍ୟକ୍ତ ହରିହର ଖାଡଙ୍ଗା ପ୍ରମୁଖ ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନ କରିଥିଲେଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟି ରେ ଥିଲେବରିଷ୍ଠ କ୍ରିକେଟ୍ ପ୍ରଶିକ୍ଷକ ସୌମେନ୍ଦ୍ର ମହାନ୍ତି ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ୧୭/୦୧/୨୫ ବ୍ଲୁ ବାର୍ଡ କ୍ଲବ୍ ,ଗୁରୁଜଙ୍ଗ ବନାମ ଇଗଲ କ୍ରିକେଟ କ୍ଲବ୍,ଖୋର୍ଦ୍ଧା ମଧ୍ୟରେ ହେବବୋଲି ଦେବ ପ୍ରସାଦ ସାମନ୍ତରାୟ ଜଣାଇଛନ୍ତି

## ଲିକ୍ କରିଥିଲେ ସରଫରାଜ

ନୂଆଦିଲ୍ଲୀ,୧୬।୧: ଭାରତୀୟ କ୍ରିକେଟ ଟିମ୍ ଲାଗି ଅଷ୍ଟ୍ରେଲିଆ। ଗସ୍ତ ବେଶ ବିବାଦୀୟ ଥିଲା ସିରିଜର ପ୍ରଥମ ମ୍ୟାଚ୍ ଦଳ ଜିତିଥିଲେ ହେଁ ଲଗାତାର ଭାବେ ବାକି ୪ ମ୍ୟାଚ୍‌ରେ ପରାଜିତ ହୋଇଥିଲା ଏହି ସମୟରେ ଡ୍ରେସିଂ ରୁମ୍ ଖବର ବାହାରକୁ ଆସିଥିଲା ସିଡନୀରେ ହୋଇଥିବା ଟେଷ୍ଟ ପୂର୍ବରୁ ହେଡ୍ କୋଚ୍ ଗୌତମ ଗମ୍ଭୀର ଖବରଦାତା ସମ୍ମିଳନୀରେ କୋଚ୍ ଏବଂ ଖେଳାଳି ମଧ୍ୟର କଥା ଡ୍ରେସିଂ ରୁମ୍ ଯାଏ ସୀମିତ ରହିବା କଥା। କହିଥିଲେ ଏବେ ସେ ଯୁବ କ୍ରିକେଟର ସରଫରାଜ ଖାନ୍‌ଙ୍କ ବିରୋଧରେ ବଡ଼ ଅଭିଯୋଗ ଆଣିଛନ୍ତି ଡ୍ରେସିଂ ରୁମ୍ ଖବର ବାହାରକୁ ଆସିବା ପଛରେ ସେ ଥିବା ଗମ୍ଭୀର କହିଥିବା ଜାତୀୟ ଗଣମାଧ୍ୟମ ନ୍ୟୁଜ ୨୪ ଷ୍ଟୋର୍ସରେ ଦାବି କରାଯାଇଛି।

# ବିରାଟ ଓ ରୋହିତଙ୍କ ବିନା ଖେଳିବ ଭାରତ

ନୂଆଦିଲ୍ଲୀ ୧୬।୦୧: ପରାଜୟ ପରେ କମ୍‌ବ୍ୟାକ୍ ପାଇଁ ପ୍ରସ୍ତୁତ ଟିମ୍ ଇଣ୍ଡିଆ ରୋ-କୋଙ୍କ ବିନା ପଡିଆକୁ ଓହ୍ଲାଇବ। ବ୍ଲୁ ଜର୍ସି ମୁହାଁମୁହିଁ ହେବେ ଭାରତ-ଇଂଲଣ୍ଡ। ଘରୋଇ ପିଚ୍‌ରେ ଇଂଲଣ୍ଡ ବପକ୍ଷରେ ଖେଳିବ ଟିମ୍ ଇଣ୍ଡିଆ ଉଭୟ ଟିମ୍ ୫ଟି ଟି-୨୦ ଏବଂ ୫ଟି ୱାନଡେ ସିରିଜ୍ ଖେଳିବେ। କିନ୍ତୁ ଏହି ସିରିଜ୍ ହେବ ଐତିହାସିକ। ଭାରତ-ଇଂଲଣ୍ଡ ମଧ୍ୟରେ ପ୍ରଥମେ ଖେଳାଯିବ ଟି-୨୦ ସିରିଜ୍। ଏହାର ପ୍ରଥମ ମୁକାବିଲା ୨୨ ଜାନୁଆରୀରେ କୋଲକତାର ଇଡେନ ଗାର୍ଡେନରେ ଖେଳାଯିବ। ଏହା ଏକ ଐତିହାସିକ ମୁକାବିକା ହେବ।

ବାସ୍ତବରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ କ୍ରିକେଟ ଇତିହାସରେ ଏହା ଏପରି ଟି-୨୦ ମ୍ୟାଚ୍ ହେବ, ଯେଉଁଥିରେ ରୋହିତ ଶର୍ମା ଏବଂ ବିରାଟ କୋହଲି ଉଭୟ ହିଁ ନଥିବେ। ଟି-୨୦ ୱାର୍ଲ୍ଡକପ୍ ୨୦୨୪ ପରେ ଉଭୟ ଟି-୨୦ରୁ ସନ୍ୟାସ ନେଇଛନ୍ତି ।ତେବେ ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ପ୍ରଥମଥର ଟି-୨୦ ମ୍ୟାଚ୍ ୨୦୦୭ରେ ଖେଳାଯାଇଥିଲା।

ଏହି ମ୍ୟାଚ୍ ଭାରତୀୟ ଦଳ ୧୮ ରନରେ ଜିତିଥିଲା, ଯେଉଁଥିରେ ରୋହିତ ଶର୍ମା ଖେଳିଥିଲେ। ତେବେ ବିରାଟ କୋହଲି ୨୦୧୧ରେ ଇଂଲଣ୍ଡ ବିପକ୍ଷରେ ତାଙ୍କର ପ୍ରଥମ ଟି-୨୦ ମ୍ୟାଚ୍ ଖେଳିଥିଲେ । ଏପର୍ଯ୍ୟନ୍ତ ରୋହିତ ପ୍ରତ୍ୟେକ ମ୍ୟାଚ୍‌ରେ ଖେଳୁଥିଲେ। ତେବେ ଏହାର ଅର୍ଥ ହେଉଛି ଏପର୍ଯ୍ୟନ୍ତ ଇଂଲଣ୍ଡ ବିପକ୍ଷରେ ଏପରି କୌଣସି ଟି-୨୦ ମ୍ୟାଚ୍ ହୋଇନି ଯେଉଁଥିରେ କୋହଲି କିମ୍ବା ରୋହିତ ସାମିଲ ନଥିଲେ। ଏହା ପ୍ରଥମ ଲଢେଇ ହେବ ଯେଉଁଥିରେ ଉଭୟ ତାରକା ସେଠାରେ ନାହାଁନ୍ତି ।ଟି-୨୦ ଆନ୍ତର୍ଜାତୀୟରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ସବୁବେଳେ କଡା ଟକ୍କର ଦେଖିବାକୁ ମିଳିଛି ।ଉଭୟ ଟିମ୍ ଏପର୍ଯ୍ୟନ୍ତ ମୋଟ ୨୪ଟି ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରୁ ଟିମ୍ ଇଣ୍ଡିଆ। ୧୩ଟି ମ୍ୟାଚ୍ ଜିତିଥିବା ବେଳେ ଇଂଲଣ୍ଡ ୧୧ଟି ମ୍ୟାଚ୍‌ରେ ବିଜୟ ହାସଲ କରିଛି ।

ଅନ୍ୟପଟେ କୋହଲି ଏବଂ ରୋହିତଙ୍କ ଟି-୨୦ରୁ ଅବସର ପରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ କୌଣସି ଫର୍ମାଟରେ ହେବାକୁ ଯାଉଥିବା ଏହା ପ୍ରଥମ ମ୍ୟାଚ। ଏହି ଟି-୨୦ ସିରିଜରେ ସୂର୍ଯ୍ୟକୁମାର ଯାଦବ ଟିମ୍‌ର ନେତୃତ୍ୱ ନେବେ ରୋହିତ ଏବଂ କୋହଲିଙ୍କ ଅନୁପସ୍ଥିତିରେ ଇଂଲଣ୍ଡକୁ ପରାସ୍ତ କରିବାର ବଡ଼ ଚ୍ୟାଲେଞ୍ଜ ମିଷ୍ଟର ୩୬୦ଙ୍କ କାନ୍ଧରେ ରହିବ ଯଦିଓ କୋହଲି ଏବଂ ରୋହିତଙ୍କ ଅବସର ପରେ ଟିମ୍ ଇଣ୍ଡିଆ। ଅନେକ ମ୍ୟାଚ୍ ଖେଳିଛି, କିନ୍ତୁ ଏହା ଇଂଲଣ୍ଡ ବିପକ୍ଷରେ ପ୍ରଥମ ମୁକାବିଲା ଖେଳିବ ।ଶେଷ ଥର ପାଇଁ ଭାରତ-ଇଂଲଣ୍ଡ ମଧ୍ୟରେ ୨୦୨୪ ଟି-୨୦ ବିଶ୍ୱକପରେ ଖେଳା ଯାଇଥିଲା ଉଭୟ ଦଳ ସେମି ଫାଇନାଲ୍‌ରେ ମୁହାଁମୁହିଁ ହୋଇଥିଲେ ସେତେବେଳେ ଅଧିନାୟକ ପଦ ହିଟ୍‌ମ୍ୟାନଙ୍କ ହାତରେ ରହିଥିଲା ବିଶ୍ୱକପ ଫାଇନାଲ୍‌ରେ ଟିମ୍ ଇଣ୍ଡିଆ। ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରି ଟାଇଟଲ ହାତେଇଥିଲା ଏହାର ଠିକ୍ ପରେ ରୋହିତ ଶର୍ମା ଏବଂ ବିରାଟ କୋହଲି ଟି-୨୦ ଆନ୍ତର୍ଜାତୀୟରୁ ଅବସର ଘୋଷଣା କରିଥିଲେ।

## ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ସ କାଉନ୍‌ସିଲ ବିଜୟୀ

କେନ୍ଦ୍ରାପଡ଼ା,୧୬।୧: କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ ସୁପର ଲିଗ୍ ମ୍ୟାଚ୍ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଗୁରୁବାର ଦିନ ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ସ କାଉନ୍‌ସିଲ ଓ ଆଇଡିଆଲ୍ ୟୁନିୟନ୍ ସ୍ପୋର୍ଟିଂ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ସ କାଉନ୍‌ସିଲ ଟସ୍ ଜିତି ବ୍ୟାଟିଂ କରି ୩୨.୧ ଓଭରରେ ୧୦ ୱିକେଟ୍ ବିନିମୟରେ ୧୯୭ ରନ୍ କରିଥିଲା । ଜବାବରେ ଆଇଡିଆଲ୍ ୟୁନିୟନ୍ ସ୍ପୋର୍ଟିଂ କ୍ରିକେଟ୍ କ୍ଲବ ୧୩.୫ ଓଭରରେ ୧୦ ୱିକେଟ୍ ବିନିମୟରେ ୫୧ ରନ୍ କରିଥିଲା। ଫଳରେ ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ସ କାଉନ୍‌ସିଲ ୧୪୬ ରନ୍‌ରେ ବିଜୟୀ ହୋଇଥିଲା । ଏହି ମ୍ୟାଚରେ ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ସ କାଉନ୍‌ସିଲ୍‌ର ସାହାଜାଦ୍ ଖାନ୍ ୧୭ଟି ଚୌକା ଓ ୧ଟି ଛକା ମାରି ୮୦ ବଲ୍‌ରେ ୧୧୯ ରନ୍ ବ୍ୟାଟିଂ କରି ଥିବା ବେଳେ ୪ ଓଭର ବୋଲିଂ କରି ୧୬ ରନ୍ ଦେଇ ୨ଟି ୱିକେଟ୍ ହାସଲ କରି ମ୍ୟାନ ଅଫ୍ ମ୍ୟାଚ୍ ହୋଇଥିଲେ। ଏହି ଅବସରରେ




ସମୀର ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦା କାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦିପକ କୁମାର ବାରିକ ଏହି ଖେଳକୁ ପରିଚାଳନା କରିଥିଲେ।

# ଏକ ଦିବସୀୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ




ପାରାଦୀପ,୧୬।୧: ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ପାରାଦୀପ ର ମର୍ଣ୍ଣିଙ୍ଗ କ୍ରିକେଟ କ୍ଲବ ପକ୍ଷରୁ ଏକ ଦିବସିୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥାଏ। ଏଥିରେ ରାଜ୍ୟ ର ବିଭିନ୍ନ ପ୍ରାନ୍ତରୁ କ୍ରିକେଟ ଟିମ ଅଂଶଗ୍ରହଣ କରିଥାନ୍ତି ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ଜୟଦେବ ସଦନ ଛକ ପଡିଆ। ଠାରେ ମର୍ଣ୍ଣିଙ୍ଗ କ୍ରିକେଟ କ୍ଲବ ର ୧୪ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଉତ୍କଣ୍ଠାପୂର୍ଣ୍ଣ ଫାଇନାଲ ମ୍ୟାଚ ରେ ଭୁବନେଶ୍ୱର ର ମା ମଙ୍ଗଳା କ୍ରିକେଟ କ୍ଲବ ଓ ଲାଇଫଲାଇନ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ରେ ମା ମଙ୍ଗଳା କ୍ରିକେଟ କ୍ଲବ ବିଜୟୀ ହୋଇ ଚମ୍ପିୟନ ହୋଇଥିବା ବେଳେ ଲାଇଫଟାଇମ କ୍ଲବ ରନର୍ସଅପ ହୋଇଥିଲେ। ମକର ସଂକ୍ରାନ୍ତି ଦିନ ବଢ଼ପଡ଼ିଆ। ମାର୍କେଟ ବନ୍ଦ ରହୁଥିବାରୁ ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା ଉଦଯାପନୀ ଉତ୍ସବରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଗୋଲେଖ ସାହୁ, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର, ଶ୍ରମିକ ନେତା ରାକେଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମ କୁ କ୍ଲବ ର ସଭାପତି ଭରଦ୍ୱାଜ ସାହୁ ଓ କ୍ଲବ ର ସଦସ୍ୟ ମାନେ ସଫଳତାର ସହ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟ ର ପରଦିନ ଆୟୋଜକ ମାନଙ୍କ ପକ୍ଷରୁ ସାଧାରଣରେ ମନୋରଞ୍ଜନ ପାଇଁ ମେଲୋଡି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସି ଏମ ଟ୍ରଫି ପାଇଁ ଫୁଟବଲ ପ୍ରତିଯୋଗୀତା ଉଦଘାଟିତ



କଟକ,୧୬।୧: ରାଜ୍ୟରେ ସି ଏମ ଟ୍ରଫି ୨୦୨୬ ନିମନ୍ତେ ୧୫ ବର୍ଷରୁ କମ୍ ଇଂଟର କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନସିପ ଆଜି ରେଭେନସା ବିଶ୍ୱବିଦ୍ୟାଳୟ ଖେଳପଡିଆଠାରେ ଉଦଘାଟିତ ହୋଇଯାଇଛି। ବିଧାୟକ ଚୌଦ୍ୱାର-କଟକ ସୌଭିକ ବିଶ୍ୱାଳ, ବିଧାୟିକା ବାରବାଟୀ-କଟକ ଇଂ. ସୋଫିଆ। ଫିର୍ଦ୍ଦୋସ, ମାନ୍ୟବର ବିଧାୟକ କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, କଟକ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ରେଭେନସା ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ କାହ୍ନୁ ଚରଣ ମଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଫୁଟବଲ ଚାମ୍ପିୟନସିପକୁ ଉଦଘାଟନ କରିଥିଲେ ଆଜିଠାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରେଭେନସା ବିଶ୍ୱବିଦ୍ୟାଳୟ ପଡିଆରେ ଏହି ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହେବ ପ୍ରତ୍ୟହ ସକାଳ ୯ଟାରୁ ଦିନ ୧୧ଟା ୩୦ ଏବଂ ଦିନ ୨ଟାରୁ ୪ ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ କ୍ଲବଗୁଡିକ ମଧ୍ୟରେ ମ୍ୟାଚ୍ ଖେଳାଯିବ ଆଜି ପ୍ରଥମ ଦିନରେ ଜୁନିଅର ଗାଲାଂଟ ଓ ।ଇଏଏଫସି ଚୌଦ୍ୱାର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ।ଇଏଏଫସି ଚୌଦ୍ୱାର ବିଜୟୀ ହୋଇଥିଲା ପ୍ରତିଯୋଗୀତାରେ ମୋଟ ପ୍ରତିଯୋଗିତାରେ ୧୩ ଟି ଦଳ ଅଂଶଗ୍ରହଣ କରିଛନ୍ତି

# ସି.ଏମ୍. ଟ୍ରଫି ନିମନ୍ତେ ଜିଲ୍ଲାସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ପ୍ରତିଯୋଗିତା

ଢେଙ୍କାନାଳ,୧୬।୧:ଢେଙ୍କାନାଳ ମୁଖ୍ୟ ଷ୍ଟାଡ଼ିୟମଠାରେ ସି.ଏ. ଟ୍ରଫି ହାସଲ ନିମନ୍ତେ ଜିଲ୍ଲା ସ୍ତରୀୟ ଅଣ୍ଡର ଫିଫଟିନ ଇଣ୍ଟର କ୍ଲବ ପ୍ରତିଯୋଗିତା ଗୁରୁବାର ଶୁଭାରମ୍ଭ ହୋଇଯାଇଛି ଏହି ପ୍ରତିଯୋଗିତାକୁ ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ ଶୁଭ ଉଦଘାଟନ କରିଥିଲେ ପାଠ ସହିତ କ୍ରୀଡ଼ା ଅଭ୍ୟାସ ନିଜ ଶରୀର ଓ ଜୀବନ ଗଠନରେ ବିଶେଷ ସହାୟକ ହୋଇଥାଏ ବୋଲି ସେ ମତ ବ୍ୟକ୍ତ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ମୁଖ୍ୟ ବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଥାଏ ବୋଲି



ପ୍ରକାଶ କରିଥିଲେ ଏଥି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଧିବଦ୍ଧ ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି ଜିଲ୍ଲା କ୍ରୀଡ଼ା ସଂଘର ସେକ୍ରେଟାରୀ ନଳିନୀ ଦାଶ, କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେଉଅଛି ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଫୁଟବଲ ଚମ୍ପିୟାନ ସିପ୍ ପ୍ରତିଯୋଗତା ଅନୁଷ୍ଠିତ ହେବ ଆଜି ଏହି ପ୍ରତିଯୋଗିତାରେ ଜିଲ୍ଲାର ୮ଟି କ୍ଲବ୍ ଅଂଶ ଗ୍ରହଣ କରିଛନ୍ତି ଉତ୍ସବ ଶେଷରେ କ୍ରୀଡା ଅଧିକାରୀ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଖ୍ୟାତ ଘୋଷକ ଅମୀୟ କୁମାର ଚନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ